# ଅବହେଳାରୁ ଯାଉଛି ଜୀବନ

ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାକୁ ଠିକ୍ ଭାବେ କରିବା ସହ କାର୍ଯ୍ୟରତ ଶ୍ରମିକ ଓ ଅନ୍ୟମାନଙ୍କ ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହୁଛି। ହେଲେ ଠିକା ସଂସ୍ଥାର ଲାଭଖୋର ମନୋବୃତ୍ତି ଯୋଗୁ ଏଥିରେ ଅବହେଳା କରାଯାଉଛି। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ମୂଲ୍ୟବାନ ଜୀବନ ଚାଲିଯାଉଛି। ୨୦୧୭ ସେପ୍ଟେମ୍ବର ୧୦ରେ ରାଜଧାନୀ ଭୁବନେଶ୍ୱର ବମିଖାଲ ଓଭରବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ରାଜ୍ୟର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ କୁହାଯାଉଥିବା କଟକ ଛତ୍ରବଜାର ପୋଲ ମରାମତି ସମୟରେ ଗାର୍ଡ ୱାଲ ଭୁଶୁଡି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଠିକା ସଂସ୍ଥାର ଅବହେଳାକୁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।



## ୪ମାସ ହେଲା ଚାଲିଛି ମରାମତି କାର୍ଯ୍ୟ

**କଟକ ଅଫିସ, ୯।୩**

ଛତ୍ରବଜାର ପୁରୁଣା ପୋଲ ମରାମତି କାର୍ଯ୍ୟ ଗତ ୪ମାସ ହେଲା ଚାଲିଛି। ବୁଧବାର ପୋଲ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ସମୟରେ ଏହା ଭୁଶୁଡ଼ି ପଡ଼ିଥିଲା। ଏଥିରେ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ କେତେଜଣ ଶ୍ରମିକ ମାଟିତଳେ ଚାପି ହୋଇଯାଇଥିଲେ। ଗାର୍ଡ ୱାଲ ଭୁଶୁଡିବା ପରେ ଦୀର୍ଘ ସମୟ ପାଇଁ ମାଲଗୋଦାମରୁ ଛତ୍ରବଜାର ରାସ୍ତା ଜାମ୍ ହୋଇଯାଇଥିଲା। ଏପରି କି ଏହା ଦ୍ୱାରା ଛତ୍ରବଜାରରୁ ମାତୃଭବନକୁ ଯାଇଥିବା କେନାଲ ରାସ୍ତାର ଏକ ପାର୍ଶ୍ୱ ମଧ ଦବି ଯାଇଥିଲା। ପୋଲ ଭୁଶୁଡିବା ଦେଖି ସେଠାରେ ପରିବା ବିକ୍ରି କରୁଥିବା ଲୋକମାନେ ଦୌଡି ପଳାଇଥିବାବେଳେ ସେମାନଙ୍କ ପରିବା ସାମଗ୍ରୀ ମାଟି ତଳକୁ ଖସିପଡ଼ିଥିଲା। ଘଟଣା ସ୍ଥଳରେ ପୋଲିସ, ଅଗ୍ନିଶମ କର୍ମଚାରୀ, ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଖବର ପାଇ ଜିଲାପାଳ ଭବାନୀ ଶଙ୍କର ଚୟିନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟି-କଟକ ବିଧାୟକ ମହମ୍ମଦ ମୋକିମ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦାରଖ କରିଥିଲେ। ଏପରି କି କଟକ ମହାନଗର ନିର୍ବାଚନରେ ମେୟର ପ୍ରାର୍ଥୀ ହୋଇଥିବା କଂଗ୍ରେସର ଗିରିବାଳା ବେହେରା ଏବଂ ଭାଜପାର ଶ୍ରୀତମ ଦାଶ ମଧ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପ୍ରଶାସନ ସହ ଆଲୋଚନା କରିବା ସହିତ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ।



ଘଟଣାସ୍ଥଳରେ କଟକ ଜିଲାପାଳ, ସିଏମ୍‌ସି କମିଶନର ଓ ଡିସିପି ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ମାଟି ତଳେ ଚାପି ରହିଥିବା ଜଣେ ଆହତଙ୍କୁ ଓଡ୍ରାଫ ଟିମ୍ ଉଦ୍ଧାର କରି ମେଡ଼ିକାଲକୁ ନେଉଛନ୍ତି।

## ଆର୍‌ଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

### ୩ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା



ଭୁବନେଶ୍ୱର,୯।୩(ବ୍ୟୁରୋ)- କଟକ ଛତ୍ରବଜାରଠାରେ ଥିବା ପୁରୁଣା ପୋଲର ମରାମତି ବେଳେ ନିର୍ମାଣଧୀନ ଗାର୍ଡ ୱାଲ ଭୁଶୁଡ଼ି ବୁଧବାର ସନ୍ଧ୍ୟାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ମୃତକ ସମ୍ପର୍କୀୟଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



"ପ୍ରତ୍ୟେକ ଦିନ ପରି ଆଜି ମଧ ଏଠାରେ ବସି ପରିବା ବ୍ୟବସାୟ କରିଥାଉ। ତେବେ ଆଜି ହଠାତ୍ ଆମେ ବସିଥିବା ରାସ୍ତାର ପଛ ପାର୍ଶ୍ୱ ଧସିପଡିଥିଲା। ସେଠାରେ ରଖାଯାଇଥିବା ଦୁଇ ବସ୍ତା ବାଇଗଣ, ଦୁଇ ବସ୍ତା କାକୁଡି ସମେତ ଇନ୍‌ଭର୍ଟର ମାଟି ତଳକୁ ଖସିଗଲା। ତେବେ ମୋର ୧୦ରୁ ୧୨ହଜାର ଟଙ୍କା କ୍ଷତି ହୋଇଛି। ଭଗବାନଙ୍କ ଆଶୀର୍ବାଦରୁ ମୁଁ ସୁରକ୍ଷିତ ରହିଛି।

**– ଦିପ୍ତୀକାନ୍ତ ତ୍ରିପାଠୀ, ସ୍ଥାନୀୟ ବ୍ୟବସାୟୀ**



"ଏହି ଘଟଣାରେ କୌଣସି ବ୍ୟବସାୟୀଙ୍କୁ କ୍ଷତି ହୋଇ ନାହିଁ। ହେଲେ ଏଭଳି ଘଟଣା ପରେ କେନାଲ ଦେଇ ଯାଇଥିବା ଉକ୍ତ ରାସ୍ତାପାର୍ଶ୍ୱ ବର୍ତ୍ତମାନ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି। ସମସ୍ତ ବ୍ୟବସାୟୀଙ୍କୁ ସତର୍କ ରହିବାକୁ କୁହାଯାଇଛି। ଏଥିସହ ଆଗାମୀ ଦିନରେ ରାସ୍ତାର ଉକ୍ତ ପାର୍ଶ୍ୱରେ କୌଣସି ପରିବା ବ୍ୟବସାୟୀଙ୍କୁ ବସିବାକୁ ଅନୁମତି ଦିଆଯିବ ନାହିଁ। ଛତ୍ରବଜାରରୁ ମାତୃଭବନ ପର୍ଯ୍ୟନ୍ତ ଥିବା କେନାଲ ପାର୍ଶ୍ୱରେ ରାସ୍ତା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି। ଏହାର ସୁରକ୍ଷା ନିତାନ୍ତ ଆବଶ୍ୟକ।

**– ଦେବେନ୍ଦ୍ର ସାହୁ, ସମ୍ପାଦକ, ଛତ୍ରବଜାର ବ୍ୟବସାୟୀ ସଂଘ**



"ସନ୍ଧ୍ୟା ସାଢେ ୬ଟାରେ ପରିବା ବିକୁଥିବା ସ୍ଥାନଟି ଦୋହଲିଲା ଭଳି ଅନୁଭବ ହେଲା। ଏହାପରେ ମୁଁ ସେଠାରୁ ଭୟଭୀତ ହୋଇ ଦୌଡ଼ି ପଳାଇଲି। ଏହାପରେ ଦେଖିଲା ବେଳକୁ ପୋଲ ପାର୍ଶ୍ୱରେ ଏକ ବଡ଼ ସ୍ଥାନ ଧସି ଯାଇଛି।

**– ରାମଚନ୍ଦ୍ର ଦେବତା, ସ୍ଥାନୀୟ ବ୍ୟବସାୟୀ**



"ପ୍ରଥମେ ରାସ୍ତା ତଳ ପାର୍ଶ୍ୱରୁ ବାଲି ଓ ମାଟି ଖସିବାକୁ ଆରମ୍ଭ ହେଲା। ପରେ ରାସ୍ତା ଦୋହଲିବାରୁ କାମ କରୁଥିବା ଲୋକ ଘୁଞ୍ଚି ଯିବାକୁ ଚିଲାଇଥିଲେ। ପୋଲ ଉପରେ ଯାଉଥିବା ଟ୍ରକଟି ମଧ ରହିଗଲା। ପରେ ରାସ୍ତାର କିଛି ଅଂଶ ଭୁଶୁଡ଼ି କେନାଲରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ ପଡ଼ି ଯାଇଥିଲା।

**– କେଦାର ବାରିକ, ସ୍ଥାନୀୟ ବ୍ୟବସାୟୀ**

# ପୁଣି ଆତଙ୍କ ଖେଳାଇଲା କେବିଏନ୍ ଗ୍ୟାଙ୍ଗ୍

- ରାସ୍ତାରେ ଖଟି, ମାରଣାସ୍ତ୍ର ଦେଖାଇ ଧମକାଉଥିଲେ
- ଆଉ ଜଣେ ସଦସ୍ୟ ଗିରଫ, ଖସିଗଲେ ୪
- କଟୁରି ଜବତ କଲା ପୋଲିସ

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ରାଜଧାନୀ ରାସ୍ତାରେ ପୁଣି ଆତଙ୍କ ଖେଳାଇଲେଣି କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗ୍। ମଙ୍ଗଳବାର ବିଳମ୍ବିତ ରାତିରେ ଡେଲ୍‌ଟା ଛକ ନିକଟ ଜଳେଶ୍ୱର ମନ୍ଦିର ପାଖରେ ଗ୍ୟାଙ୍ଗ୍‌ର ସଦସ୍ୟମାନେ କାର ରଖି ଖଟି କରୁଥିଲେ। ହୋହଲ୍ଲା କରିବା ସହ କଟୁରି ଦେଖାଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଧମକାଉଥିଲେ। ଏନେଇ ଖବର ପାଇବା ପରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୪ଜଣ ଖସି ଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଗଡ଼ସାହିର ଦେବାଶିଷ ମଙ୍ଗରାଜ ଓରଫ ପିକୁନ୍ ଓରଫ ଚୋଟୁ। ତାଙ୍କଠାରୁ ଏକ କଟୁରି ଜବତ କରାଯାଇଛି। ଦେବାଶିଷ ନୟାପଲ୍ଲୀ ପୋଲିସ ପାଇଁ ୩ଟି ମାମଲାରେ ୱାଣ୍ଟେଡ୍ ଥିଲେ। ତାଙ୍କ ନାମରେ ପୋଲିସ ଆର୍ମ୍ସ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଆଉଏକ ମାମଲା(ନଂ.୧୫୬/୨୦୨୨) ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନାଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଦେବାଶିଷଙ୍କୁ ମିଶାଇ ଏଯାବତ କେବିଏନ୍ ଗ୍ୟାଙ୍ଗର ୧୧ଜଣ ସଦସ୍ୟ ଗିରଫ ହୋଇଥିବାବେଳେ ୧୮ଜଣ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ରାଜଧାନୀରେ କେବିଏନ୍ ଗ୍ୟାଙ୍ଗ ସଦସ୍ୟମାନେ ଅପରାଧ ଘଟାଇବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲେ। ରାଜରାସ୍ତାରେ ଖଣ୍ଡା,ଭୁଜାଲି ଧରି କାର୍‌ରେ ଘୂରି ବୁଲୁଥିଲେ। ମାରଣାସ୍ତ୍ର ଦେଖାଇ ନାଚଗୀତ କରି ଜନସାଧାରଣଙ୍କୁ ଭୟଭୀତ କରିବାକୁ ତାହାର ଭିଡିଓ ସୋସିଆଲ ମିଡିଆରେ ଛାଡୁଥିଲେ। ସେପ୍ଟେମ୍ବର ୨୧ରେ ନୟାପଲ୍ଲୀ ସିଆର୍‌ପି ଛକ ସଂଘବଦ୍ଧ ଆକ୍ରମଣ ଘଟଣା ପରେ କେବିଏନ୍ ଗ୍ୟାଙ୍ଗର ସଦସ୍ୟମାନେ ଫେରାର ହୋଇଯାଇଥିଲେ। ଏହି ଗ୍ୟାଙ୍ଗକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ଫଳରେ ଉକ୍ତ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଧରିବାକୁ ଡିସିପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି କିଛି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଘର ଭାଙ୍ଗି ମାରଣାସ୍ତ୍ର ଜବତ କରିଥିଲା।



ଗିରଫ ଅଭିଯୁକ୍ତ ଦେବାଶିଷ ମଙ୍ଗରାଜ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବଳରାମ



@ ଅନିଲ



@ ମନୋରଞ୍ଜନ



@ ପ୍ରଶାନ୍ତ



@ ଦୀପୁ



@ ସନ୍ତୋଷ

DSPL-419

# ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ

୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

''ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ''

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0151/2122

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୪ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦ ।

## ସଂକ୍ଷେପରେ

### ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୯।୩(ଡି.ଏନ୍.ଏ.):** ନରାଜ ଆନିକଟ ନିକଟସ୍ଥ ମହାନଦୀ ପାଣି ଭିତରୁ ଜଣେ ଯୁବକଙ୍କର ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ମୃତ ଯୁବକ ଜଣକ ଖୋର୍ଦ୍ଧା ଜିଲା ମଦନପୁର ଗ୍ରାମର ଅଭିନାଶ ଶ୍ରୀଚନ୍ଦନ(୨୭)। ଏ ନେଇ ସିଡିଏ ଫେଜ-୨ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ଅପରାହ୍ନରେ ମହାନଦୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପ୍ରଥମେ ବାରଙ୍ଗ ଥାନା ପରେ ସିଡିଏ ଫେଜ୍-୨ ଥାନା ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଭାସୁଥିବା ସ୍ଥାନଠାରୁ ଅଳ୍ପଦୂରରେ ଏକ ବାଇକ୍( ଓଡି ୦୨ଏବି ୫୧୨୪ ) ଥିବାର ଦେଖି ଗାଡ଼ି ନମ୍ବର ଯାଞ୍ଚ କରିଥିଲା। ସେଥିରୁ ମୃତକଙ୍କ ପରିଚୟ ପାଇବା ସହ ପରିବାର ଲୋକଙ୍କୁ ଜଣାଇବା ପରେ ତଦନ୍ତ ଚଳାଇଛି।

### ୧୬ ଗ୍ରାମର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭୁବନେଶ୍ୱର,୯।୩ (ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେ ହେଲେ ନୟାଗଡର ଗୌରୀହର ନାୟକ (୨୭) । ତାଙ୍କଠାରୁ ୧୬ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପୁଷ୍ପକ ହୋଟେଲ ସାମ୍ନା ଗଳିରେ ଅଭିଯୁକ୍ତ ଜଣକ ବ୍ରାଉନସୁଗାର ବେପାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗିରଫ କରିଛି। କେସ ନଂ ୧୦୫।୨୨ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ୯୪ କେଜିର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୯।୩ (ବ୍ୟୁରୋ):** ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ଖୋର୍ଦ୍ଧା ଅଞ୍ଚଳର ସମିମ ଖାନ (୩୨) ଓ ନୟାଗଡର ପରମାନନ୍ଦ ନବକିଶୋର ଓରଫ ସୁବୁଦ୍ଧି (୪୬) । ସେମାନଙ୍କଠାରୁ ୯୪ କେଜିର ଗଞ୍ଜେଇ ସହ (ଓଡି-୦୨-ଜି-୧୯୧୦) ଏକ ଇନୋଭା କାର ଜବତ କରାଯାଇଛି ।

ସୂଚନାଯୋଗ୍ୟ, ତମାଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ୨ ଅଭିଯୁକ୍ତ ଗଞ୍ଜେଇ ଧରି ଛିଡା ହୋଇଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା। କେସ ନଂ ୫୯।୨୨ ରେ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ପରେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ବୈଧ ରହିଲା ମେୟର ପ୍ରାର୍ଥୀଙ୍କ ନାମାଙ୍କନପତ୍ର

ଭୁବନେଶ୍ୱର, ୯।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ତେବେ ଯାଞ୍ଚରେ ମେୟର ପଦବୀ ପାଇଁ ସମସ୍ତ ଆଶାୟୀଙ୍କ ପ୍ରାର୍ଥିତ୍ୱ ବୈଧ ରହିଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଏଥିପାଇଁ ୧୨ଜଣ ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରେ ଭାଜପାରୁ ସୁନୀତି ମୁଣ୍ଡ, ବିଜେଡିରୁ ସୁଲୋଚନା ଦାସ, କଂଗ୍ରେସରୁ ମଧୁସ୍ମିତା ଆଚାର୍ଯ୍ୟ, କୃପା ପାର୍ଟିରୁ ଭଗବତୀ ଦେବୀ, ବସ୍ତି ସୁରକ୍ଷା ମଞ୍ଚରୁ ହେନା ବାରିକ, ଓଡ଼ିଶା ଜନତା ପାର୍ଟିରୁ ନିରୋଜା ନଳିନୀ ସାମଲ, କଳିଙ୍ଗ ସେନାରୁ ସ୍ମିତା ମିଶ୍ର, ଓଡ଼ିଶା ପିପୁଲ୍ସ ପାର୍ଟିରୁ ଲକ୍ଷ୍ମୀପ୍ରିୟା ଭୋଇ, ଏଫ୍‌ସିସିରୁ ସ୍ୱପ୍ନା ବିଜୟିନୀ, ବହୁଜନ ସମାଜବାଦୀ ପାର୍ଟିରୁ ସରୋଜିନୀ ଖୁଣ୍ଟିଆ ଓ ପ୍ରୋଟେଷ୍ଟ ବ୍ଲକ୍ସ ଇଣ୍ଡିଆରୁ ରାଜଶ୍ରୀ ବିଶ୍ୱାଳଙ୍କ ନାମ ରହିଛି। ତେବେ କର୍ପୋରେଟର ପଦବୀ ପାଇଁ ସମସ୍ତ ପ୍ରାର୍ଥୀପତ୍ର ବୈଧ ରହିଛି କି ନାହିଁ ତାହା ଗୁରୁବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। କର୍ପୋରେଟର ପଦବୀ ପାଇଁ ମୋଟ ୩୬୪ଟି ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଚାଲିଥିଲା। ୱାର୍ଡ ସ୍ତରରେ ପ୍ରାର୍ଥୀଙ୍କୁ ଡକାଯାଇ ସେମାନଙ୍କ ସମ୍ମୁଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ମୁଖ୍ୟତଃ ଦୁଇଟି ଦିଗ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରାର୍ଥୀ ଦୁଇଟି ସତ୍ୟପାଠ ଦେଇଛନ୍ତି କି ନାହିଁ ଓ ଫର୍ମର ରସିଦ, ଭୋଟର ତାଲିକାରେ ପ୍ରାର୍ଥୀଙ୍କ ନାମ ତାଲିକାଭୁକ୍ତ ହୋଇଛି କି ନାହିଁ ତାହାକୁ ଯାଞ୍ଚରେ ପ୍ରାଥମିକତା ଦିଆଯାଇଛି। ଅଧିକାଂଶ ପ୍ରାର୍ଥୀପତ୍ର ଠିକ୍ ଥିବାବେଳେ କିଛିଟା ନାକଚ ହୋଇଥିବା ସେ ସୂଚନା ଦେଇଛନ୍ତି।



ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଉଛି।

### ଆଜି ବିଧିବଦ୍ଧ ପ୍ରକାଶ ପାଇବ ତାଲିକା

ସୂଚନାଯୋଗ୍ୟ, ଗତ ୨ରୁ ୭ ତାରିଖ ପର୍ଯ୍ୟନ୍ତ ୬ ଦିନ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଥିଲା। ବିଭିନ୍ନ ରାଜନୈତିକ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ଜିଲାପାଳ ତଥା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁବାରଠାରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଶେଷ ଦିନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ ତାରିଖରେ ଭୋଟ ଓ ୨୬ରେ ଗଣତି କରାଯିବ।

ବିବାହ ବାର୍ଷିକୀ ଶୁଭେଚ୍ଛା



ପ୍ରଶାନ୍ତ ସହିତ ମଞ୍ଜୁ
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ଦଶମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଦୁଇ ଜଣଙ୍କ ଜୀବନ ସଦା ସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
D-71876

### ଜୀବନ ବୀମା ଆଳରେ ୨.୫ ଲକ୍ଷ ଠକେଇ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଜୀବନ ବୀମା କରାଇ ଦେବାକୁ କହି ୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ। ଏନେଇ ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲରେ ରହୁଥିବା ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଞ୍ଚଳର ଜୟକୃଷ୍ଣ ପରିଡ଼ା(୩୮)। ପୋଲିସ ତାଙ୍କଠାରୁ ଗୋଟିଏ ବାଇକ, ଗୋଟିଏ ମୋବାଇଲ ଫୋନ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜୟକୃଷ୍ଣ ଏଲ୍‌ଆଇସି ଏଜେଣ୍ଟ ଭାବେ କାମ କରନ୍ତି। ସେ ଏକ ଜୀବନ ବୀମା କରିବାକୁ ଅଭିଯୋଗକାରୀଙ୍କଠାରୁ ଗତ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ୨ ଲକ୍ଷ ୫୦ହଜାର ଟଙ୍କାର ଚେକ୍ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଆକାଉଣ୍ଟରୁ ଉକ୍ତ ଟଙ୍କା କଟିଥିଲେ ମଧ୍ୟ ଜୟକୃଷ୍ଣ ତାଙ୍କ ନାମରେ କୌଣସି ବୀମା କରାଇ ନ ଥିଲେ। ଏହା ଜାଣିବା ପରେ ଅଭିଯୋଗକାରୀ ଗତ ଫେବୃୟାରୀ ୨୮ରେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏକ (ନଂ.୧୨୬/୨୨) ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସମୟସ୍ରୋତରେ ପାଲଟିଗଲେ ଯୋଦ୍ଧାରୁ ଭୂତ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଆପଣା ମଣିଷ ବି ଦିନେ ପର କରିଦିଏ। ସମୟସ୍ରୋତରେ ଦୂରେଇ ଯାଏ। ଦିନେ ସମସ୍ତଙ୍କ ପାଇଁ ସବୁ କିଛି କରିଥିବା ମଣିଷଟି ଯୋଦ୍ଧା ପାଲଟିଯାଏ ତ ଆଉ କେତେବେଳେ ସେ ପାଲଟିଯାଏ ଭୂତ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ଆୟୋଜିତ ରାଜ୍ୟ ସ୍ତରୀୟ ନାଟକ ଉତ୍ସବ 'ରଙ୍ଗସଙ୍ଗମ'ର ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକ 'ଯୋଦ୍ଧା' ଦେଇଥିଲା ଏମିତି କିଛି ବାର୍ତ୍ତା। ଦିନେ ଇଂରେଜ ସରକାର ସାମନ୍ତ ସଂଗ୍ରାମକୁ ଗାଁର ଜାଗିରଦାର ଭାବେ ନିଯୁକ୍ତି ଦିଅନ୍ତି। ତାଙ୍କ ଜରିଆରେ ପ୍ରକୃତିମାତାର ମାଲିକାନା ଇଂରେଜ ସରକାରଙ୍କ କବଳକୁ ଚାଲିଯାଏ। ଗ୍ରାମବାସୀମାନେ ନିଜ ଜମି, ଜଳ, ଜଙ୍ଗଲ ପାଇଁ କର, ଖଜଣା ଦେବାକୁ ଅନିଚ୍ଛା ପ୍ରକାଶ କରନ୍ତି। ଗ୍ରାମ ଯୁବକ ଗୋବରା ଓରଫ୍ ଗୋବର୍ଦ୍ଧନଙ୍କ ନେତୃତ୍ୱରେ ଜାଗିରଦାର ବିରୋଧରେ ମେଳି ଆରମ୍ଭ ହୁଏ। ସେ ଗ୍ରାମବାସୀଙ୍କ ମନରେ ଦମ୍ଭ ଦେବା ସହ ନାଟକରେ ମୁଖ୍ୟ ଚରିତ୍ରରେ ନଜରକୁ ଆସନ୍ତି। ତେବେ ସମୟକ୍ରମେ ଗୋବରାର ମୃତ୍ୟୁ ହୁଏ। ଶବସତ୍କାର କରିବାକୁ ନେଇଥିବା ଗ୍ରାମବାସୀ ବର୍ଷା ଓ ବିଜୁଳିର ଦାଉ ସହି ନ ପାରି ଶବକୁ ଶ୍ମଶାନରେ ଫୋପାଡି ଦେଇ ଘରକୁ ଚାଲିଆସନ୍ତି । କିନ୍ତୁ ବର୍ଷା ଯୋଗୁ ଗୋବରା ନିଜ ଜୀବନ ପୁଣି ଫେରି ପାଏ। ହେଲେ ସେ ଫେରି ଆସିବା ପରେ ଗ୍ରାମବାସୀଙ୍କ ସହ ତା' ସ୍ତ୍ରୀ ମଧ୍ୟ ତାଙ୍କୁ ଚିହ୍ନି ପାରନ୍ତି ନାହିଁ। ସମସ୍ତଙ୍କ ମନରେ ସେ ପାଲଟିଯାଆନ୍ତି ଭୂତ। ଯେଉଁ ଗୋବରା ଦିନେ ଯୋଦ୍ଧା ହୋଇ ମେଳି କରି ନିଜର ଅଧିକାର ସାବ୍ୟସ୍ତ କରିବାକୁ ରାହା ଦେଖାଉଥିଲା ସେ ଆଜି ପାଲଟିଗଲା ଭୂତ। ନାଟକଟିକୁ ଯୁବ ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ମିଥୁନ ମଳୟ ପ୍ରଧାନ, ରଞ୍ଜନ କୁମାର ଗୋଚ୍ଛାୟତ, ସୌଭାଗ୍ୟରଞ୍ଜନ ତ୍ରିପାଠୀ, ଶିବଶଙ୍କର ତ୍ରିପାଠୀ, ମନୋଜ କୁମାର ପରିଡ଼ା, ତାନିସ୍କ ମହାନ୍ତି, ସିଦ୍ଧାନ୍ତ ପରିଜା, ସୁବାସ ଚନ୍ଦ୍ର ବେହେରା, ସରୋଜ କୁମାର ମିଶ୍ର, ଅବିନାଶ ପତି, ଭାସ୍ୱତୀ ବସୁ, ଶାନ୍ତି ପରିଡ଼ା ଓ ମିନତୀ ସ୍ୱାଇଁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟର ଯାଦୁ ଦେଖାଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ଏକାଡେମୀ ସଚିବ ପ୍ରବୋଧ ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡାକ୍ତର ପ୍ରଦୀପ କୁମାର ରଥଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୯।୩(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର ଡାକ୍ତର ପ୍ରଦୀପ କୁମାର ରଥଙ୍କର ଗତ ୨୭ ତାରିଖରେ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଥିଲା। ବୁଧବାର ତାଙ୍କର ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା କରାଯାଇଥିଲା। ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ, ଭେଷଜ ବିଭାଗ ମୁଖ୍ୟ ଡା. ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଚିକିତ୍ସାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଡା. ରଥଙ୍କ କର୍ମମୟ ଜୀବନ ଓ ଆଦର୍ଶ ବିଷୟରେ ଅଲୋଚନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଡାକ୍ତରୀ ଶିକ୍ଷାଲାଭ ପରେ ଡା. ରଥ କୋରାପୁଟର ନନ୍ଦପୁର, ଲମତାପୁଟ, ମାଥାଲପୁଟ ଆଦି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟ କରିଥିଲେ। ପରେ ୨୦୧୯ରୁ କ୍ୟାପିଟାଲ ହସ୍ପିଟାଲରେ ଜେଡିଏମ୍‌ଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ପରଲୋକ ପରେ ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।





ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଦ୍ୱିତୀୟ ହିଟ୍‌ଲର ଭାବେ ଅଭିହିତ କରି ଯୁଦ୍ଧ ବଦଳରେ ଶାନ୍ତିର ବାର୍ତ୍ତା ନେଇ ବନ୍ଦେ ମାତରମ୍ ଅନୁଷ୍ଠାନର କଳାକାରମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

## ଲିଙ୍ଗଗତ ବୈଷମ୍ୟକୁ ନେଇ ଚୁପ୍ ରହିବା ଅନାବଶ୍ୟକ

ଭୁବନେଶ୍ୱର,୯।୩(ବ୍ୟୁରୋ)

ସମାଜରେ ଲିଙ୍ଗଗତ ବୈଷମ୍ୟତା ଆଜି ବି ରହିଛି। ଏହାକୁ ନେଇ ଚୁପ୍ ରହିବା ଅନାବଶ୍ୟକ। ଜଣେ ନାରୀ ହେଉ କି ପୁରୁଷ ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ପ୍ରକାଶ କରିବା ନିହାତି ଆବଶ୍ୟକ। ୟୁଏସ୍ କନ୍‌ସୁଲେଟ ଜେନେରାଲ ସହଯୋଗରେ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ବୁଧବାର ଭର୍ଚୁଆଲରେ ଲିଙ୍ଗ ଓ ଲିଙ୍ଗଗତ ହିଂସା ଉପରେ ଆୟୋଜିତ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ୟୁଏସ୍ କନସୁଲେଟ ଜେନେରାଲର ଡ୍ୟାଭିଡ୍ ମେୟର, ସେଥିଲ ତିରୁପତି, ସାଧନା ଫାଉଣ୍ଡେଶନ ଅଧ୍ୟକ୍ଷା ସୁଜାତା ମହାପାତ୍ର, ପ୍ରଦୀପ କୁମାର ସ୍ୱାଇଁ, ହରେକୃଷ୍ଣ ରାଉତ, ପ୍ରଶାନ୍ତ ଶତପଥୀ, ନମିତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜରେ ହେଉଥିବା ଲିଙ୍ଗଜତ ବୈଷମ୍ୟତା ଉପରେ ମତ ରଖିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ୱାର୍କଶପ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଲିଙ୍ଗଗତ ବୈଷମ୍ୟତା ସହ ଲଢ଼ିବାକୁ ସେମାନେ ପ୍ରେରଣା ପାଇଥିଲେ।

## ମହିଳା ସଦସ୍ୟଙ୍କୁ ଶୀଘ୍ର ଉଠାଣ ସୁବିଧା

ଭୁବନେଶ୍ୱର,୯।୩(ବ୍ୟୁରୋ)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଏକ ବିଶେଷ ଢଙ୍ଗରେ ମହିଳା ଦିବସ ପାଳନ କରିଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଆଜାଦି କେ ଅମୃତ ମହୋତ୍ସବ'ର ଅଂଶବିଶେଷ ସ୍ୱରୂପ ଗତ ଦୁଇ ସପ୍ତାହ ଧରି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହିଳା ସଦସ୍ୟମାନଙ୍କୁ ଗୁରୁତ୍ୱ ଦେଇ ସେମାନଙ୍କ ପିଏଫ୍ ଉଠାଣକୁ ଶୀଘ୍ର ସମାଧାନ କରାଯାଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ମହିଳା ସଦସ୍ୟାଙ୍କ ଇ-ନୋମିନେଶନ ସକାଶେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ଲଘୁ, କ୍ଷୁଦ୍ର ଓ ବୃହତ୍ତର ଉଦ୍ୟୋଗଗୁଡ଼ିକରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱତନ୍ତ୍ର ଅଭିଯୋଗ ଡେସ୍କ ସ୍ଥାପନ ସହ ମହିଳା କର୍ମଚାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମହିଳା ଦିବସରେ ଇପିଏଫ୍‌ଓର ବିଶେଷ କାର୍ଯ୍ୟକ୍ରମ



ଇପିଏଫ୍‌ଓ ପକ୍ଷରୁ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା କର୍ମଚାରୀମାନେ।

### ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର, ୯।୩(ବ୍ୟୁରୋ)

ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପୱନ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବାର୍ଷିକ ପତ୍ରିକା 'କୃତିକା'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ୨୦୨୨ ବର୍ଷ ପାଇଁ ସଂଘ ସଭାପତି ଭାବେ ରଞ୍ଜନ ସାମନ୍ତରାୟ ଓ ସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ସେନାପତି ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଅଶୋକ ଦାସ ଓ ସୁକାନ୍ତ କୁମାର ପଲେଇ, ସାଙ୍ଗଠନିକ ସମ୍ପାଦକ ବିଶ୍ୱରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ ପୁଷ୍ପାଞ୍ଜଳୀ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ସିଂ, ସହ ସମ୍ପାଦକ ରଘୁନାଥ ସାମନ୍ତସିଂହାର ଓ କିଶୋରୀ ମୋହନ ସେଠୀ, ସଦାଶିବ ଦାସ କୋଷାଧ୍ୟକ୍ଷ ଓ କିରଣ ସାହୁ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## 'କ୍ଷମତାଲୋଭଠୁ ଦୂରରେ ଥିଲେ ହେମାନନ୍ଦ'





ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୁବନେଶ୍ୱର,୯।୩(ବ୍ୟୁରୋ)

### ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ସାଧାରଣ ଜନତା ବିଶେଷକରି ଗରିବ, ଆଦିବାସୀ, ଦଳିତଙ୍କ ବିକାଶ ପାଇଁ ଚିନ୍ତା କରୁଥିବା ରାଜନେତା ଥିଲେ ହେମାନନ୍ଦ ବିଶ୍ୱାଳ। ସେ କ୍ଷମତା ଲୋଭ ପାଇଁ ରାଜନୀତି କରୁ ନ ଥିଲେ। ଏକ ଅଣରାଜନୈତିକ ସାଧାରଣ ଆଦିବାସୀ ପରିବାରରୁ ଆସି ସେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ସହ କ୍ରୀଡ଼ା, କଳା, ସାହିତ୍ୟ ଓ ସାଙ୍ଗଠନିକ କ୍ଷେତ୍ରରେ ଦକ୍ଷତାର ପ୍ରମାଣ ଦେଇପାରିଥିଲେ। ଭୁବନେଶ୍ୱର ଆମ୍ବେଦକର କଲେଜ ଏବଂ ଏଜି ଛକଠାରେ ବାବା ସାହେବ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ ସହ ଆମ୍ବେଦକର ଛକର ନାମକରଣ କରିବାରେ ତାଙ୍କର ଅବଦାନ ଥିଲା। ମଙ୍ଗଳବାର ହେମାନନ୍ଦ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ୟୁନିଟ୍-୩ସ୍ଥିତ ବୁଦ୍ଧମନ୍ଦିର ନିକଟରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ହେମାନନ୍ଦ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏହା କହିଛନ୍ତି। ଯୁବନେତା ବିଦ୍ୟାଧର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଭଜମନ ବେହେରା, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ବରିଷ୍ଠ ଖବରଦାତା ରବି ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଇଂ. ଅଲେଖ ଚନ୍ଦ୍ର ମଲିକ, ସାମାଜିକ କର୍ମୀ ମାନସ ଜେନା, ସମାଜବାଦୀ ପାର୍ଟି ନେତା ସୁଦର୍ଶନ ପ୍ରଧାନ, ବିକ୍ରମ ସ୍ୱାଇଁ, ମାନଗୋବିନ୍ଦ ସେଠୀ, ସୁନାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତି କମିଟି ସଂଯୋଜକ ଲକ୍ଷ୍ମଣ ମଲିକ ସ୍ୱାଗତ ଭାଷଣ ଓ ନାରୀନେତ୍ରୀ ପ୍ରତିମା ମଲିକ ଧନ୍ୟବାଦ ଦେଇଥିଲେ।

## ୧୧ରୁ ଗୁରୁଦକ୍ଷିଣା ଉତ୍ସବ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଓଡ଼ିଶାରେ ଗୁରୁ ଶିଷ୍ୟର ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ କଳାଶ୍ରମ ପକ୍ଷରୁ ମାର୍ଚ୍ଚ ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୧୬ତମ ଗୁରୁଦକ୍ଷିଣା ଉତ୍ସବ ଜୟଦେବ ଭବନ ଓ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବ। ଏଥି ସହିତ ଦିବ୍ୟାଙ୍ଗ କଳାକାରମାନଙ୍କୁ କଳାର ମୁଖ୍ୟସ୍ରୋତକୁ ଆଣି ଏକପାଦରୁ ପାଞ୍ଚପାଦରେ ପହଞ୍ଚାଇବା, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ଲାଟଫର୍ମ ତିଆରି କରିବା ଏବଂ କଳା-ସଂସ୍କୃତି-ପରମ୍ପରାର ସୁମହାନତାକୁ ବଜାୟ ରଖିବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି କଳାଶ୍ରମର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ସୂଚନା ଦେଇଛନ୍ତି। ଏହି ଉତ୍ସବରେ କଳାର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ଥିବା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପଣ୍ଡିତ ରବିଶଙ୍କର ଉପାଧ୍ୟାୟଙ୍କୁ 'ଗୁରୁଦକ୍ଷିଣା ସମ୍ମାନ-୨୦୨୧' ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ସେହିପରି ସଙ୍ଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା, ତବଲା ବାଦକ ଶରତ ପାଣି, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଦୀପ କୁମାର ଦାସଙ୍କୁ ସୃଜନଶୀଳ ପ୍ରତିଭା ସମ୍ପନ୍ନ ସମ୍ମାନରେ ସମ୍ମାନିତ କରାଯିବ ।

## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱ ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ
ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ- ୨୦।୦୩।୨୦୧୩
ନଅ ବର୍ଷ ପୂରି ଦଶବର୍ଷ ହେଲା କେଉଁ ପୁରେ ଗଲ ଜୀବନ ସାଥୀ। ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିଷହ ସନ୍ତାପିତ ପ୍ରାଣ ଝୁରଇ ନିତି। ସବୁ ସ୍ୱପ୍ନ ତୁମ ସ୍ୱପ୍ନରେ ରହିଲା ଅଧା ସବୁ ରଖିଗଲ । ଶୋକ ସାଗରରେ ଭସାଇ ସଭିଙ୍କୁ ପର କରି ଦେଇଗଲ। ନିଷ୍କଳଙ୍କ ମନ ପବିତ୍ର ହୃଦୟ ମଣିଷ ଟିଏତ ଥିଲ। ସମସ୍ତଙ୍କ ମନ ହୃଦୟରେ ତୁମେ ଛାପ ହୋଇ ରହିଗଲ। ଜାଣନ୍ତି ସଭିଏଁ ଚାଲିଯିବେ ଦିନେ ସବୁ କରି ଦେଇ ପର। ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହ ଧାରା ।
ଇତି: ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍ ନଂ.- 9437147350
ଧ-୨୩୩୫୫

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ବୁଦ୍ଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା)
ତିରୋଧାନ: ୦୧।୦୩।୨୦୨୨ (ମହା ଶିବରାତ୍ରି)
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁଅ: ରବି, ବୋହୂ: ଚଞ୍ଚଳା, ଝିଅ/ଜ୍ୱାଇଁ: ଲକି, ବିୟୁଟି, ଚନ୍ଦନ ଓ ସାହୁ ପରିବାରବର୍ଗ ।
ଧ-୨୩୩୫୭

**ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୨୩୩୦୧

## ସମିତି ଅଧକ୍ଷା ପଦକୁ ନେଇ ଛକାପଞ୍ଝା

ଟାଙ୍ଗୀ (ଖୋର୍ଦ୍ଧା),(ଡି.ଏନ୍.ଏ.): ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ଟାଙ୍ଗୀ ପଞ୍ଚାୟତ ସମିତି ଅଧକ୍ଷା ପଦକୁ ନେଇ ୩ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳୁଛି। ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ୨୪ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଥିବା ବେଳେ ଜଣେ ଭାଜପାରୁ ଓ ଅନ୍ୟ ଜଣେ କଂଗ୍ରେସରୁ ବିଜୟୀ ହୋଇଛନ୍ତି। ବିଜେଡି ସମର୍ଥିତ ବିଜୟୀ ସମିତି ସଭ୍ୟମାନଙ୍କ ମଧ୍ୟରେ ୩ଜଣ ଆଶାୟୀ ଅଛନ୍ତି। ଅଧକ୍ଷ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଖୋର୍ଦ୍ଧାର ପୂର୍ବତନ ତଥା ବୋଲଗଡ଼ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସେମାନଙ୍କ ପ୍ରାର୍ଥୀମାନଙ୍କ ପାଇଁ ଗୋଟିଚାଳନା କରୁଛନ୍ତି। ଗୋଟିଏ ଗୋଷ୍ଠୀର ସଂଖ୍ୟାଧିକ ପ୍ରାର୍ଥୀ ଅଜ୍ଞାତବାସରେ ରହିଛନ୍ତି।

# ଧାନ ଉଠାଅ, ଚାଷୀଙ୍କ ଖାତାକୁ ଟଙ୍କା ପଠାଅ

**ଖୋର୍ଦ୍ଧା ଅଫିସ,୯।୩**

### ମିଲ୍ ମାଲିକଙ୍କୁ ଜିଲାପାଳଙ୍କ କଡ଼ା ତାଗିଦ୍

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ମିଲ୍ ମାଲିକମାନଙ୍କୁ କଡ଼ା ତାଗିଦ୍ କରାଯାଇଛି। ବୁଧବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧ ଜିଲାର ୧୨ ଏବଂ ବରଗଡ଼ ଜିଲାରୁ ଧାନକିଣାରେ ଅଂଶ ଗ୍ରହଣ କରିଥିବା ୬ଟି ରାଇସ୍ ମିଲ ମାଲିକମାନଙ୍କ ସହିତ ଆଲୋଚନା କରିଥିଲେ। ସ୍ୱାଭାବିକ ଓ ଶୃଙ୍ଖଳିତ ଭାବେ ଧାନକିଣା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ମିଲମାଲିକମାନେ ଯେତିକି ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିଲେ, ତା'ଠାରୁ ଅଧିକା ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ଧାନ ଉଠାଇବେ। ଚାଷୀଙ୍କଠାରୁ ଧାନ କିଣିବା ପରେ ତୁରନ୍ତ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ବ୍ୟବସ୍ଥା କରିବେ। ଏଥିରେ ଖିଲାପ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କ ଲାଇସେନ୍ସ ରଦ୍ଦ ସହ ଆଗାମୀ ବର୍ଷରେ ଧାନକିଣାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି କଡା ତାଗିଦ୍ କରିଛନ୍ତି। ସେହିପରି ଚାଷୀଙ୍କୁ ଉତ୍ତମ ବ୍ୟବହାର କରିବା ସହ ଟାର୍ଗେଟ୍ ଅନୁସାରେ ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଚାଉଳ ଯୋଗାଣ ବିଭାଗରେ ପଇଠ କରିବା ପାଇଁ ତାଗିଦ୍ କରିଥିଲେ। ଏହି ଆଲୋଚନା ବେଳେ ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୁଧବାର ସୁଦ୍ଧା ୨୮ ହଜାର ଚାଷୀଙ୍କ ଠାରୁ ୯.୯୮ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବାଲିଅନ୍ତାର ଶାନ୍ତୁଲିଆ ରାଇସ ମିଲ୍ କୋଟିଏ ଟଙ୍କା ଡିପୋଜିଟ ଦେଇଥିବା ବେଳେ ୫୨୯୦ କୁଇଣ୍ଟାଲ ଧାନ ଟାର୍ଗେଟ ନେଇଥିଲା। ବାଲିପାଟଣା ଶାନ୍ତି ରାଇସ ମିଲ୍ ୨.୫୮ କୋଟି ଡିପୋଜିଟ ଦେଇଥିବା ବେଳେ ୮୬ହଜାର ୪ଶହ ଟାର୍ଗେଟ ନେଇଥିଲା। ଭୁବନେଶ୍ୱରର ରାମେଶ୍ୱର ୧.୨୨ କୋଟି ସମେତ ୨୩ହଜାର, ଜଙ୍କିଆର ମା' ତାରିଣୀ ୧.୫୫ କୋଟି ସମେତ ୫୫ହଜାର, ଖୋର୍ଦ୍ଧାର ଚଣ୍ଡେଶ୍ୱର ୨କୋଟି ସମେତ ୫୯ ହଜାର, ବାଘମାରୀର ଏସ୍ଏମ୍ ଆଗ୍ରୋ ୧.୮୦ କୋଟି ସମେତ ୫୫ ହଜାର, ବୋଲଗଡ଼ର ଶିବାନୀ ୧.୮୦ କୋଟି ସମେତ ୪୭ହଜାର, ସୋନୁ ୧.୮୦ ସମେତ ୨୦ ହଜାର, ଜଙ୍କିଆର ଶ୍ରୀଗଣେଶ ୧.୮୯ କୋଟି ସମେତ ୬୬ହଜାର, ଟାଙ୍ଗୀର ଚଣ୍ଡି ହରଦେବ ୨.୫୦ କୋଟି ସମେତ ୮୦ହଜାର, ଜଗନ୍ନାଥ ୨.୯୫ କୋଟି ସମେତ ୮୦ହଜାର, ଟାଙ୍ଗୀର ଶକ୍ତି ତାରିଣୀ ୫୪ ଲକ୍ଷ ୧୭ହଜାର, ବାଣପୁରର ଶ୍ରୀକ୍ରିଷ୍ଣା ୧କୋଟି ସମେତ ୨୫ ହଜାର, ଚିଲିକାର ନାରାୟଣୀ ୮୦ଲକ୍ଷ ସମେତ ୨୦ହଜାର ଏବଂ ନାରୁଣୀ ଅନ୍ନଦା ରାଇସ୍ ମିଲ୍ ୧୦ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ ଦେଇଥିବାବେଳେ ୯୦୩.୯୮ ଧାନ ଟାର୍ଗେଟ ନେଇଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ସେହିଭଳି ଚଳିତ ବର୍ଷ ବରଗଡ଼ ଜିଲାର ସିଦ୍ଧେଶ୍ୱର, ଶ୍ରୀରାମ, ଶିବା, ଶ୍ୟାମଜୀ, ଶ୍ରୀଜୀ ଏବଂ ଶ୍ୟାମଲାଇ ପ୍ରଭୃତି ୬ଟି ରାଇସ ମିଲ୍ ମିଳିତ ଭାବେ ୩ କୋଟି ୯୬ହଜାର ଟଙ୍କା ବ୍ୟାଙ୍କ ଡିପୋଜିଟ ଦେଇଥିବା ବେଳେ ୬୫ହଜାର ଧାନ କିଣିବା ଲାଗି ଟାର୍ଗେଟ ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜାନୁୟାରୀ ଓ ଫେବୃୟାରୀରେ ଚାଷୀଙ୍କୁ ମିଳିଥିବା ଟୋକନ ଲାପ୍ସ କରିଯାଇଛି। ଟୋକନ ଅବଧି ବୃଦ୍ଧି ଲାଗି ବିଭିନ୍ନ ଚାଷୀ ସଙ୍ଗଠନ ଦାବି କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଚାଷୀ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରୁଛନ୍ତି। ଟୋକେନ ଅବଧି ବୃଦ୍ଧି ଓ ମଣ୍ଡିରୁ ଚାଷୀଙ୍କ ଧାନ କିଣାଯାଉ ବୋଲି ଦାବି ହେଉଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଲାପ୍ସ ଟୋକନ ଅବଧି ଆଉ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ। ଏପରି କି ମାର୍ଚ୍ଚ ୨୫ ପରେ ଚାଷୀଙ୍କଠାରୁ ଧାନକିଣା ମଧ୍ୟ ବନ୍ଦ ହୋଇଯିବା ନେଇ ବିଭାଗୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରେନରେ ନିଆଁ

**ନିରାକାରପୁର,୯।୩(ଡି.ଏନ୍.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ କାଲୁପଡା ରେଳ ଷ୍ଟେଶନ ନିକଟରେ ଏକ କୋଇଲା ବୋଝେଇ ଟ୍ରେନରେ ବୁଧବାର ନିଆଁ ଲାଗିଯାଇଛି। ବଗିରେ କୋଇଲା ଭର୍ତ୍ତି ଥିବାବେଳେ ଠିକ୍ ସମୟରେ ଅଗ୍ନିଶମ ବାହିନୀ ନିଆଁ ଲିଭାଇ ଦେଇଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ସକାଳୁ ବ୍ରହ୍ମପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍‌ଟି ସ୍ଥାନୀୟ ଷ୍ଟେଶନରେ ଅଟକି ରହିଥିଲା। ହେଲେ ସେଥିରୁ ଦୀର୍ଘ ସମୟ ଧରି ଧୂଆଁ ବାହାରୁଥିଲା। ରେଲୱେ ପୋଲିସ ବଗି ନିକଟକୁ ଯିବାବେଳେ ସେଥିରେ ନିଆଁ ଲାଗିଥିବା ଦେଖି ଟାଙ୍ଗୀ ଦମକଳ ବାହିନୀକୁ ଜଣାଇଥିଲେ। ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଯାତ୍ରୀବାହୀ ଷ୍ଟେଶନରେ ୨୦୨୦ ଜାନୁୟାରୀ ୯ରେ ମଧ ଏଭଳି ଏକ କୋଇଲା ବୋଝେଇ ଗାଡିରେ ନିଆଁ ଲାଗିଥିଲା ଏବଂ ପୂର୍ବରୁ ମଧ ଏଠାରେ ନିଆଁ ଲାଗିଥିବା ବେଳେ ଏହି ଷ୍ଟେଶନରେ ରେଳ ସୁରକ୍ଷା ଓ ନିରାପତ୍ତା ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୫ ବଖରା ଜଳିଗଲା

**ଖୋର୍ଦ୍ଧା ଅଫିସ,୯।୩:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୫ବଖରା ଘର ଜଳିଯାଇଛି। ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୧ଟାରେ କେରଙ୍ଗ ଗାଁ ଆଦିବାସୀ ସାହିର ଜଣେ ବ୍ୟକ୍ତିଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏହି ନିଆଁ ଧାସ ଉଡ଼ି ଗୋଟିଏ ପରେ ଗୋଟିଏ ଘରର ଚାଳକୁ ବ୍ୟାପିଥିଲା। ଫଳରେ ମୁଣ୍ଡା ନାୟକ, ରୀନା ନାୟକ, ରୁଣ ନାୟକ, ଭୀମ ନାୟକ ଏବଂ ମଣ୍ଟୁ ନାୟକଙ୍କର ଘର ପୋଡ଼ି ପାଉଁଶ ହୋଇଯାଇଛି।

### ଉତ୍କଳ ମହିଳା ସମିତି ପକ୍ଷରୁ ମହିଳା ସମାବେଶ

**ବେଗୁନିଆ,୯।୩(ଡି.ଏନ୍.ଏ.):** ବେଗୁନିଆ ଥାନା ସିଉଳା ଗ୍ରାମରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା ସମାବେଶ ଲବଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀନେତ୍ରୀ ପ୍ରତିମା ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସମାବେଶରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଅଇଁଠୁ ରଣଜିତ ସିଂହ ଓ ମୁଖ୍ୟବକ୍ତା ଭାବେ ଉତ୍କଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ଯୋଗଦେଇ ନାରୀ ନିର୍ଯାତନା, ଦରଦାମ ବୃଦ୍ଧି ତଥା ମାଇକ୍ରୋ ଫାଇନାନ୍ସ ଦ୍ୱାରା ମହିଳା ସର୍ବସ୍ୱାନ୍ତ ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅହଲ୍ୟା ସାହୁ, ମିନତୀ ମଙ୍ଗରାଜ, ମମତା ସାମନ୍ତରାୟ, ଅନୁପମା ଚମ୍ପତି, ବିଳାସିନୀ ନାୟକ, ଜୟନ୍ତିବାଳା ସେଠୀ ପ୍ରମୁଖ ସାମିଲ ଥିଲେ। ମାଳତୀ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

### ଟିକାତାଳରେ ଶିକ୍ଷକ ଶହୀଦ ଦିବସ ପାଳିତ

**ବୋଲଗଡ,୯।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଟିକାତାଳ ନିକଟ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାପିତ ଶିକ୍ଷକ ଶହୀଦ ସ୍ମୃତିପୀଠରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଶିକ୍ଷକ ଶହୀଦ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମାର୍ଚ୍ଚ ୯ରେ ଭୁବନେଶର ଶିକ୍ଷକ ସମାବେଶକୁ ଯାଉଥିବା ୬ଜଣ ଶିକ୍ଷୟିତ୍ରୀଶିକ୍ଷକ କାହ୍ନୁଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି, ବାନାମ୍ବର ସାହୁ, ବିଳାସିନୀ ପଟ୍ଟନାୟକ, ତରୁଲତା ପଟ୍ଟନାୟକ ଓ ଶାନ୍ତିଲତା ମହାରଣା ସଡକ ଦୁର୍ଘଟଣାରେ ଏହି ସ୍ଥାନରେ ପ୍ରାଣତ୍ୟାଗ କରିଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭା ନେତା ସୁମନ୍ତ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟ ଅତିଥି ଓ ବିଶିଷ୍ଟ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବୋଲଗଡ ଶିକ୍ଷକ ମହାସଂଘର ସମ୍ପାଦକ ବୈକୁଣ୍ଠ ମହାରଣା ଓ ସଭାପତି କର୍ମୋଦୟ ଛୋଟରାୟ ଏହି ସଭାକୁ ସଂଯୋଜନା କରିଥିଲେ। ସଭାରେ ପ୍ରଫୁଲ୍ଲ ମହାପାତ୍ର, ବସନ୍ତ ଖୁଣ୍ଟିଆ, ରଘୁନାଥ ଦଳବେହେରା, ରଘୁନାଥ ମହାନ୍ତି, କିଶୋର ଚନ୍ଦ୍ର ପରମଗୁରୁ, ଅର୍ଜୁନ ମହାନ୍ତି, ମନୋଜ ଗୁମାନସିଂହ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭିକାରୀ ଚରଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ଜଟଣୀ: ଗଡ଼ରଥିପୁରରେ ମନ୍ଦିର ପ୍ରତିଷ୍ଠା ଅବସରରେ ହୋଇଥିବା ଯଜ୍ଞରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୂର୍ଣ୍ଣାହୁତି ଦେଉଛନ୍ତି।

# ଯଜ୍ଞରେ ପୂର୍ଣ୍ଣାହୁତି ଦେଲେ ରାଜ୍ୟପାଳ

**ଜଟଣୀ,୯।୩(ଡି.ଏନ୍.ଏ.)**

### ଗଡ଼ରଥିପୁରରେ ବିଗ୍ରହ ସ୍ଥାପନ

ଜଟଣୀ ବ୍ଲକ ଅଧୀନ ଗଡ଼ରଥିପୁରରେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ସ୍ଥାପନ ହୋଇଯାଇଛି। ଦୀର୍ଘଦିନର ଅପେକ୍ଷା ପରେ ବୁଧବାର ଜଟଣୀ ବ୍ଲକ ଅଧୀନ ଗଡ଼ରଥିପୁର ଗ୍ରାମର ଐତିହାସିକ ସାକ୍ଷୀଗୋପାଳ ମନ୍ଦିର ସହ ଶ୍ରୀରାଧା ଓ କୃଷ୍ଣଙ୍କ ବିଗ୍ରହ ପୁନଃ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଆୟୋଜିତ ମହୋତ୍ସବରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସାମିଲ ହେବା ସହ ମନ୍ଦିରରେ ହେଉଥିବା ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ସୂଚନା ଅନୁଯାୟୀ, ୧୬୬୩ ମସିହାରେ ତତ୍କାଳୀନ ରାଜା ଗଜପତି ଶ୍ରୀ ମୁକୁନ୍ଦଦେବ ଗଡ଼ରଥିପୁର ଗ୍ରାମରେ ସାକ୍ଷୀଗୋପାଳ ମନ୍ଦିର ନିର୍ମାଣ କରି ଶ୍ରୀରାଧା ଓ କୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ। ୧୭୩୦ରୁ ୧୭୩୧ ଗଡ଼ରଥିପୁର ଅଞ୍ଚଳରେ ମୋଗଲ ଆକ୍ରମଣ ଚାଲିଥିଲା। ମୋଗଲ ଆକ୍ରମଣରୁ ଶ୍ରୀବିଗ୍ରହମାନଙ୍କୁ ରକ୍ଷା କରିବା ନିମନ୍ତେ ରାଜା ମୁକୁନ୍ଦଦେବ ୧୭୩୨ ଜାନୁୟାରୀ ୩ ତାରିଖରେ ମନ୍ଦିରରୁ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କୁ ଚିଲିକା ନିକଟ କନ୍ତଳବାଇ ଗ୍ରାମକୁ ନେଇ ସେଠାରେ ଏକ ମନ୍ଦିର କରି ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନ ସେହି ବିଗ୍ରହ ପୁରୀ ଜିଲା ସତ୍ୟବାଦୀ ଗ୍ରାମ ସାକ୍ଷୀଗୋପାଳ ମନ୍ଦିରରେ ପୂଜା ପାଉଛନ୍ତି। ୧୭୩୨ ପରେ ମୋଗଲ ସୁବେଦାର ତିର୍କୀ ଖାଁ ତୋପ ଆକ୍ରମଣ କରି ଗଡ଼ରଥିପୁର ଗ୍ରାମରେ ଥିବା ରାଜାଙ୍କ ଗଡ଼, ରଥିପୁର ଗ୍ରାମ ଓ ସାକ୍ଷୀଗୋପାଳ ମନ୍ଦିରକୁ ବିଧ୍ୱଂସ କରିଥିଲେ। ସେବେଠାରୁ ମନ୍ଦିର ଭଗ୍ନ ଅବସ୍ଥାରେ ପଡିଥିଲା। ଗ୍ରାମବାସୀ ଓ ଅନେକ ଐତିହ୍ୟପ୍ରେମୀଙ୍କ ସହଯୋଗରେ ଏବେ ପୁନଃ ମନ୍ଦିର ନିର୍ମାଣ ହୋଇପାରିଛି। ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକଙ୍କ ସହଯୋଗରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଛି। ଏହି ଉତ୍ସବରେ ଗ୍ରାମବାସୀଙ୍କ ସହିତ ପାଖଆଖ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ସହଯୋଗ କରିଥିଲେ।

# ମଣିଷର ପରିଚୟ ଭାଷା, ସାହିତ୍ୟ

**ଜଟଣୀ,୯।୩(ଡି.ଏନ୍.ଏ.)**

### ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପାଠଚକ୍ର

ଜଟଣୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହ ପରିସରରେ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରଦୀପ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. ରାଜୀବ କର ଯୋଗଦେଇଥିଲେ। ଏହି ଅବସରରେ ଲୋକ ସାହିତ୍ୟରେ ଜୀବନ ଓ ସମାଜର ପ୍ରତିଫଳନକୁ ସରଳ ରୂପେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇ ମଣିଷର ପରିଚୟ ହେଉଛି ଭାଷା, ଏହି ଭାଷା ମଣିଷକୁ ପରିଚୟ ଦେବା ସହ ଭଲ ସାହିତ୍ୟ. ସୁନ୍ଦର ସମାଜ ଗଠନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଆୟୋଜକ ବିଭାଗ ପକ୍ଷରୁ ଉପସ୍ଥିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଅଧ୍ୟାପିକା ପ୍ରୀତିସୀମା ସ୍ୱାଇଁଙ୍କ ପ୍ରକାଶିତ 'ଜୀବନ ସହ ସନ୍ଧି' ଗ୍ରନ୍ଥ ପାଇଁ ମହାବିଦ୍ୟାଳୟ ତରଫରୁ ଅଧ୍ୟାପିକା ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଆଲୋଚନାରେ ଅମ୍ବିକା ମହାନ୍ତି, ରୋଜିତା ମାର୍ଥା, ମଞ୍ଜିଲ ଦାସ, ବର୍ଷା ସାହୁ ନିଜ ସନ୍ଦର୍ଭ ପାଠ କରିଥିଲେ। ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସ୍ମୃତିରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ସେଠୀ, ମନସ୍ମିତା ବିଶ୍ୱାଳ, ସୋନାଲି ପାଟସାହାଣୀ, ମାମାଲି ପ୍ରଧାନ, ସୁନୀଲ ବେହେରା, ତପନ ଓ ନିରଞ୍ଜନ ନାୟକଙ୍କ ସହିତ ବିଭାଗୀୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଲିଙ୍ଗ ବୈଷମ୍ୟ ଦୂରହେଲେ ସୁସ୍ଥ ସମାଜ ଗଠନ ହେବ

**ବୋଲଗଡ଼/ବେଗୁନିଆ/ନିରାକାରପୁର, ୯।୩(ଡି.ଏନ୍.ଏ.)**

### ୫୦ ଛାତ୍ରୀଙ୍କୁ ନାପକିନ୍ ବଣ୍ଟନ

ବୋଲଗଡ଼ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ମହିଳା ବର୍ଗ) ଆନୁକୂଲ୍ୟରେ କଲେଜ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ରୁପେଲି ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସୁସାହିତ୍ୟିକା ତଥା ନୟାଗଡ କିଶୋର ନ୍ୟାୟ ପରିଷଦର ସଦସ୍ୟା ବସିରନ ବିବି ମୁଖ୍ୟ ଅତିଥି, ପ୍ରାଧ୍ୟାପିକା ଡ. ସଂଯୁକ୍ତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରୁ ଲିଙ୍ଗ ବୈଷମ୍ୟ ଦୂର ହେଲେ ଏକ ସନ୍ତୁଳିତ ଓ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଜୟନ୍ତ ବିଶ୍ୱାଳ, କର୍ମୋଦୟ ଛୋଟରାୟ, ପ୍ରାଧ୍ୟାପିକା ଡ. ଗୀତାଞ୍ଜଳି ତ୍ରିପାଠୀ. ଡ. ଏଲିଜାବେଥ ଭଞ୍ଜ, ଜୟପ୍ରଦା ମହାପାତ୍ର, ମିନୁସ ମଲ୍ଲିକ ଓ ଡ. ସୁଦର୍ଶନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସୁଚିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବେଗୁନିଆ ବ୍ଲକ କଣ୍ଟାବାଡ଼ ଇଣ୍ଡିଆନ୍ ବ୍ୟାଙ୍କ୍ ଶାଖା କାର୍ଯ୍ୟାଳୟ ପରିସରରେ ମହିଳା ଦିବସ ପାଳିତ ହୋଇଛି। ଶାଖା ପରିଚାଳକ ସମର ବଲ୍ଲଭ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳମଣି ମିଶ୍ର, ରାଜ କିଶୋର ପାଣିଗ୍ରାହୀ, ବିଳାସ ବେହେରା, ବିଶ୍ୱଜିତ୍ ସାହୁ, ଅଖିଳେଶ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ମହିଳାମାନେ ଆତ୍ମନିର୍ଭର ହେଲେ ଦେଶ ବିକଶିତ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ଆବାହକ ଦୁର୍ଗାପ୍ରସାଦ ଦାସଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। ସତ୍ୟବାଦୀ ଦୋରା ଧନ୍ୟବାଦ ଦେଇଥିଲେ। ନିଜିଗଡ ଟାପଙ୍ଗ ବିକାଶ ପକ୍ଷରୁ ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ସରକାରୀ ହାଇସ୍କୁଲରେ ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାଶଙ୍କ ପୌରୋହିତ୍ୟରେ ମହିଳା ଦିବସ ପାଳିତ ହୋଇଯାଇଛି। ପଦ୍ମଲାଭ ସାହୁ, ମୁକ୍ତିକାନ୍ତ ସାହୁ ଯୋଗଦେଇ ସମାଜର ବିକାଶ ପାଇଁ ମହିଳାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ୫୦ଜଣ ଛାତ୍ରୀଙ୍କୁ ସାନିଟାରୀ ନାପ୍‌କିନ୍ ଦିଆଯାଇଥିଲା। ଉମେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ବିକାଶ ପରିଷଦର ସଭାପତି ଅଭିମନ୍ୟୁ ପାଟଶାଣୀ, ସମ୍ପାଦକ ସତ୍ୟପୀର ଶ୍ରୀଚନ୍ଦନ, କୋଷାଧକ୍ଷ ସମୀର ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ।

# ଡକାୟତି ଯୋଜନାବେଳେ ୫ ଗିରଫ

**ଖୋର୍ଦ୍ଧା ଅଫିସ,୯।୩**

- ଖସି ପଳାଇଲେ ଅନ୍ୟ ୫
- ବନ୍ଧୁକ, ଗୁଳି, ମାରଣାସ୍ତ୍ର, କାର୍ ଜବତ

ଖୋର୍ଦ୍ଧା ସହରରେ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ୫ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତରତୁଆର ରାଜୁ ଖାନ୍ ଓରଫ କଲିମ(୨୬), ଭାଲିଆବାଡ଼ିର ନିଲୁ ବେହେରା ଓରଫ ନିଲେଇ(୨୫), କାହ୍ନା ବେହେରା(୩୨), ଗୁରୁଜଙ୍ଗର କାର୍ତ୍ତିକ ପ୍ରଧାନ (୨୯) ଏବଂ ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗୀର ଏମ୍.ଡି. ରଜାକ ଓରଫ ରାଜା। ଘଟଣାସ୍ଥଳରୁ ଅନ୍ୟ ୫ଜଣ ଚମ୍ପଟ ମାରିଛନ୍ତି। ରଜାକଙ୍କଠାରୁ ଏକ ଦେଶୀ ବନ୍ଧୁକ, ୫ଟି ଗୁଳି, ଗୋଟିଏ ମୋବାଇଲ ଫୋନ୍ ଏବଂ ଅନ୍ୟ ଅଭିଯୁକ୍ତଙ୍କଠାରୁ ଲୁହାରଡ, ଖଣ୍ଡା, କଟୁରି, ଲଙ୍କାଗୁଣ୍ଡ ପ୍ୟାକେଟ ଏବଂ କାରକୁ ପୋଲିସ ଜବତ କରିଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ. ୧୧୩/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ଟିଏଲ୍‌ସି ରୋଡ ସ୍ଥିତ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ ପଛପଟ ପଡ଼ିଆରେ ବସି ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଦୌଡ଼ି ପଳାଉଥିବା ବେଳେ କାବୁ କରିଥିଲେ। ଚଢାଉରେ ଅତିରିକ୍ତ ଆଇଆଇସି ପ୍ରଜ୍ଞା ରୀତାମ୍ବରୀ କର, ଏସ୍‌ଆଇ ପଦ୍ମଲୋଚନ ବେହେରା, ମନୋଜ ଦାସ, ଏଏସ୍‌ଆଇ ଅକ୍ଷୟ ସେଠୀ, ପ୍ରଦୀପ ପ୍ରଧାନ, ହାବିଲଦାର ବି.କେ.ପାଟଯୋଶୀ, ଅଭୟ ସାମନ୍ତରାୟ, କନଷ୍ଟେବଲ ଅବଦୁଲ୍ ମାସି ଖାନ, ପ୍ରଦୀପ ହରିଚନ୍ଦନ, ସି.ଏଚ୍. ବାହୁବଳେନ୍ଦ୍ର, ଜୟନ୍ତୀ ସାହୁ ଏବଂ ଏସ୍. ବରାଳ ସାମିଲ ଥିଲେ।



ଗିରଫ ୫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ମାରଣାସ୍ତ୍ର।

# ଶିଳ୍ପୋଦ୍ୟୋଗୀ ସଚେତନତା ସପ୍ତାହ ପାଳନ

**ବୋଲଗଡ,୯।୩(ଡି.ଏନ୍.ଏ.)**

ବୀରପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ଓଡ଼ିଶା ସରକାର ପକ୍ଷରୁ ମାର୍ଚ୍ଚ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳନ କରୁଛି ଶିଳ୍ପ ଉଦ୍ୟୋଗୀ ସଚେତନତା ସପ୍ତାହ। ଏହି ଅବସରରେ ଜିଲା ଶିଳ୍ପ କେନ୍ଦ୍ର ଭୁବନେଶ୍ୱର ଆୟୋଜନରେ ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତର ଠଣାପଲ୍ଲୀ ଗ୍ରାମର ଜାଭିୟର ସ୍କୁଲରେ ପ୍ରଫୁଲ୍ଲ କୁମାର ହୋତାଙ୍କ ଅଧକ୍ଷତାରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକ, ପଥର ଶିଳ୍ପୀ କଳ୍ପତରୁ ପଣ୍ଡା ଓ ଚାନ୍ଦୁଆ ଶିଳ୍ପୀ ବାସନ୍ତୀ ମୁଦୁଲି ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଶିଳ୍ପ ବିକାଶ ଅଧିକାରୀ ସୁଶାନ୍ତ ଚନ୍ଦ୍ର ବଡୁ ଯୋଗଦେଇଥିଲେ। ବେଗୁନିଆ, ବୋଲଗଡ଼ର ହସ୍ତଶିଳ୍ପ ବିକାଶ ଅଧିକାରୀ ଶରତ ଚନ୍ଦ୍ର ନରେନ୍ଦ୍ର, ଅଧକ୍ଷ ସୂର୍ଯ୍ୟକାନ୍ତ ପ୍ରଧାନ ଦେଇଥିଲେ। ସଭାରେ ଶିଳ୍ପ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଗାଳ୍ପିକ ବିଭୂ ହୋତା ଧନ୍ୟବାଦ ଦେଇଥିଲେ।

ବିବାହ ବାର୍ଷିକୀ ଶୁଭେଚ୍ଛା



ପ୍ରଶାନ୍ତ ସହିତ ମଞ୍ଜୁ
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ଦଶମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଦୁଇ ଜଣଙ୍କ ଜୀବନ ସଦା ସର୍ବଦା ସୁଖମୟ ଓ ଚଳାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
D-71876

# ୧୪.୬୦ କିଲୋ ଗଞ୍ଜେଇ ଜବତ: ୨ ଗିରଫ

**ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୯।୩ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ବୁଧବାର ନିରାକାରପୁର ଥାନା ଅଧୀନ ଉଗ୍ରତାରା ଦେବ ମନ୍ଦିର ଛକରେ ଚଢାଉ କରି ୧୪କିଲୋ ୬୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅନ୍ତର୍ଗତ କାଳୀମୁଣ୍ଡା ଗ୍ରାମର ବିବାର୍ଣ୍ଟ ଦିଗାଲ(୪୫) ଓ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡା ଗ୍ରାମର ଚିତ୍ତରଞ୍ଜନ ଶ୍ରୀଚନ୍ଦନ(୫୦)। ଏମାନଙ୍କ ନାମରେ ଅବକାରୀ ଦଫା ଲାଗିବା ସହ ନଂ.୭୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଉଗ୍ରତାର ଦେବୀଙ୍କ ଛକ ନିକଟରେ ବୁଧବାର ଅପରାହ୍ନରେ ୨ଜଣ ଯୁବକ ଗଞ୍ଜେଇ ଚାଲାଣ କରୁଥିଲେ। ଏକ ବିଶେଷ ସୂତ୍ରରୁ ଏହି ଖବର ପାଇ ଟାଙ୍ଗୀ ଅବକାରୀ ବିଭାଗ ଟିମ୍ ସେଠାରେ ଚଢ଼ାଉ କରି ଯୁବକଦ୍ୱୟଙ୍କୁ ଧରିଥିଲେ। ବିବାର୍ଣ୍ଟଙ୍କଠାରୁ ୧୨.୩୦ କିଲୋଗ୍ରାମ ଓ ଚିତ୍ତରଞ୍ଜନଙ୍କଠାରୁ ୨.୩୦କିଲୋ ଗ୍ରାମ ଗଞ୍ଜେଇ ଜବତ ହୋଇଛି।

# ୩୩ କେଜି ଗଞ୍ଜେଇ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ, ୯।୩**

ଖୋର୍ଦ୍ଧା ସହରରେ ଏବେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। କନ୍ଧମାଳ ପଟୁ ଗଞ୍ଜେଇ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳକୁ ଚାଲାଣ କରାଯାଉଛି। ବୁଧବାର ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩୩ କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ମୁଶେଳିପଙ୍ଗାର ରିଙ୍କୁ ଦିଗଲ, ଭୂଜବଳ ଦିଗଲ ଏବଂ ମନୋଜ ଦିଗଲଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, କନ୍ଧମାଳ ପଟୁ ଗଞ୍ଜେଇ ଧରି ଖୋର୍ଦ୍ଧା ଆସୁଥିବା ଖବର ପାଇ ପୋଲିସ ସ୍ଥାନୀୟ ନୂଆବସଷ୍ଟାଣ୍ଡ ନିକଟରେ ଚଢାଉ କରି ରିଙ୍କୁ ଓ ଭୂଜବଳଙ୍କୁ ଗିରଫ କରିଥିଲା। ସେହିପରି ଜଟଣୀ ଅବକାରୀ ଟିମ୍ ତଳଖେତା ଅଞ୍ଚଳରୁ ମନୋଜଙ୍କୁ ଗିରଫ କରାଯାଇଥିଲା। ପ୍ରକାଶ ଯେ, ନିକଟରେ ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ବୋଲଗଡ଼ ଅଞ୍ଚଳରେ ଚଢଉ କରି ୨୩ କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଏବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ
ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ- ୨୦।୦୩।୨୦୧୩
ନଅ ବର୍ଷ ପୂରି ଦଶବର୍ଷ ହେଲା କେଉଁ ପୁରେ ଗଲ ଜୀବନ ସାଥୀ। ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିଷହ ସନ୍ତାପିତ ପ୍ରାଣ ଝୁରଇ ନିତି। ସବୁ ସ୍ୱପ୍ନ ତୁମ ସ୍ୱପ୍ନରେ ରହିଲା ଅଧା ସବୁ ରଖିଗଲ। ଶୋକ ସାଗରରେ ଭସାଇ ସଭିଙ୍କୁ ପର କରି ଦେଇଗଲ। ନିଷ୍କଳଙ୍କ ମନ ପବିତ୍ର ହୃଦୟ ମଣିଷ ଟିଏତ ଥିଲ। ସମସ୍ତଙ୍କ ମନ ହୃଦୟରେ ତୁମେ ଛାପ ହୋଇ ରହିଗଲ। ଜାଣନ୍ତି ସଭିଏଁ ଚାଲିଯିବେ ଦିନେ ସବୁ କରି ଦେଇ ପର। ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହ ଧାର।
ଇତି: ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍ ନଂ.- 9437147350
ଧ-୨୩୩୫୫

ଦଶାହ ଉପଲକ୍ଷେ



ସ୍ୱର୍ଗତ ବୁଦ୍ଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା)
ତିରୋଧାନ: ୦୧।୦୩।୨୦୨୨ (ମହା ଶିବରାତ୍ରି)
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁଅ: ରବି, ବୋହୂ: ଚଞ୍ଚଳା, ଝିଅ/ଜ୍ୱାଇଁ: ଲକି, ବିୟୁଟି, ଚନ୍ଦନ ଓ ସାହୁ ପରିବାରବର୍ଗ।
ଧ-୨୩୩୫୨

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୬୩୩୦୧

## ଯାଞ୍ଚ ପରେ ୨୮ ପ୍ରାର୍ଥୀପତ୍ର କାଏମ୍ ରହିଲା

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସିରେ ଆଗାମୀ ୨୪ତାରିଖରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଏନ୍ଏସିରେ ବିଜେଡି, ଭାଜପା ଓ କଂଗ୍ରେସର ଅଧକ୍ଷ ପଦବୀ ନିମନ୍ତେ ମୋଟ ୩ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୧୧ଟି କାଉନସିଲର ପଦ ନିମନ୍ତେ ମୋଟ ୨୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ୩ଜଣ ଅଧକ୍ଷ ପ୍ରାର୍ଥୀ ଓ ୨୫ଜଣ କାଉନସିଲର ପ୍ରାର୍ଥୀଙ୍କ ସମେତ ମୋଟ ୨୮ଟି ନାମାଙ୍କନପତ୍ର କାଏମ ରହିଥିବା ଏନ୍ଏସି ନିର୍ବାଚନ ଅଧିକାରୀ ସ୍ମିତପ୍ରଜ୍ଞା ପ୍ରିୟଦର୍ଶିନୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି। ୧୪ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି।




୯।୩।୨୦୨୨

| ୩,୮୯,୦୪୭ ଟଙ୍କା | |
|---|---|
| ସୁନା | ୨ ଗ୍ରାମ |
| ରୁପା | ୧.୭୩୦ ଗ୍ରାମ |

# ଜିଲ୍ଲାରେ ମୂର୍ତ୍ତି ଚୋରି ରାକେଟ୍ ସକ୍ରିୟ

ପୁରୀ ଅଫିସ/ ସାକ୍ଷୀଗୋପାଳ(ଡି.ଏନ୍.ଏ),୯।୩

ପୁରୀ ଜିଲାର ବିଭିନ୍ନ ସ୍ଥାନରେ ମୂର୍ତ୍ତି ଚୋର ରାକେଟ ସକ୍ରିୟ ହେବାରେ ଲାଗିଛନ୍ତି। ଏହା ଏବେ ପୋଲିସ ପ୍ରଶାସନକୁ ଚିନ୍ତାରେ ପକାଇଛି। ଗଡ଼ିଶାଗୋଡା ଥାନା ଅଧୀନ ରୋଷଣ ଗାଁର ଈଶାନେଶ୍ୱର ଶୈବପୀଠରୁ ଶିବ ପାର୍ବତୀଙ୍କ ଅଷ୍ଟଧାତୁ ସମେତ ଦୁର୍ଗାମୂର୍ତ୍ତି, ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରି ହୋଇଥିଲା। ମଙ୍ଗଳବାର ଏହି ଘଟଣାରେ ଦମ୍ପତିଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ୨୪ ଘଣ୍ଟା ନ ପୁରୁଣୁ ବୁଧବାର ସତ୍ୟବାଦୀ ଥାନା ଅଧୀନ ଅଠେଇଶ ଗ୍ରାମ ମନ୍ଦିରରୁ ପୋଲିସ ଦୁଇଟି ଅଷ୍ଟଧାତୁ ମୂର୍ତ୍ତି ଜବତ କରିଛି। ତନ୍ମଧ୍ୟରୁ ଗୋଟିଏ କୃଷ୍ଣ ଏବଂ ଅନ୍ୟଟି ଲକ୍ଷ୍ମୀ ମୂର୍ତ୍ତି ବୋଲି ଜଣାପଡ଼ିଛି। ତେବେ ନିକଟରେ ଏ ଅଞ୍ଚଳରୁ ଚୋରି ଯାଇଥିବା ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଏହି ମୂର୍ତ୍ତି ନୁହେଁ ବୋଲି

### ସାକ୍ଷୀଗୋପାଳରୁ ୨ ଅଷ୍ଟଧାତୁ ମୂର୍ତ୍ତି ଜବତ

ପୋଲିସ କହିଛି। ମନ୍ଦିର ବାହାରେ ମୂର୍ତ୍ତି ଦୁଇଟି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସତ୍ୟବାଦୀ ଥାନା ଆଇଆଇସି ଦିଲିପ କୁମାର ଧଳ ସେଠାରେ ପହଞ୍ଚି ତଦନ୍ତ କରିବା ସହ ମୂର୍ତ୍ତି ଦୁଇଟିକୁ ଥାନାକୁ ଆଣିଥିଲେ। ନିକଟରେ ନୂଆସୋମେଶ୍ୱରପୁରସ୍ଥିତ ଗୋପିନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ୭ଟି ମୂର୍ତ୍ତି ଚୋରୀ ହୋଇଥିଲା। ଏପର୍ଯ୍ୟନ୍ତ ପୋଲିସ କିଛି ସନ୍ଧାନ ପାଇ ନ ଥିବାବେଳେ ତଦନ୍ତରେ ଅବହେଳା ଅଭିଯୋଗ କରି ଗ୍ରାମବାସୀ ୧୨ ଘଣ୍ଟିଆ ରାସ୍ତାରୋକ କରିଥିଲେ। ସେହିପରି ଆଳିଶ ମହାବୀର, ଦକ୍ଷିଣକାଳୀ ଓ ନୂଆଗାଁ ଜୟଦୁର୍ଗା ମନ୍ଦିରରୁ ଚୋରୀ ହୋଇଥିଲେ ମଧ ଚୋର କିମ୍ବା ମୂର୍ତ୍ତି ଓ ଠାକୁରଙ୍କ ଅଳଙ୍କାର



ସମ୍ପର୍କରେ ପୋଲିସ ପତ୍ତା ପାଉନାହିଁ। ଏସ୍‌ପି କେ. ବିଶାଲ ସିଂହ ବୁଧବାର କହିଛନ୍ତି, କିଛି ମାସ ହେବ ପୁରୀ ଜିଲା ସମେତ ଆଖପାଖ ଜିଲାରେ ମୂର୍ତ୍ତି ଚୋରୀ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ପୁରୀ ଜିଲାର ବିଭିନ୍ନ ସ୍ଥାନରୁ ମୂର୍ତ୍ତି ଚୋରି ହୋଇଛି। ପୋଲିସ ଏହି ସବୁ ଘଟଣାକୁ ଗୁରୁତ୍ୱର ସହ ନେଇଛି। ପୁରୀ ଗ୍ରାମୀଣ ଥାନାକୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ମଙ୍ଗଳବାର ଦମ୍ପତିଙ୍କୁ ଗିରଫ କରାଯାଇ ସହ ତାଙ୍କଠାରୁ ୧୦ଟି ଅଷ୍ଟଧାତୁ ମୂର୍ତ୍ତି ଜବତ କରାଯାଇଛି। ତେବେ ମୂର୍ତ୍ତିଗୁଡ଼ିକ କେଉଁ କେଉଁ ସ୍ଥାନରୁ ଚୋରି ହେଇଛି ସେ ସମ୍ପର୍କରେ ଏବେ ପୋଲିସ ତଦନ୍ତ କରୁଛି। ମିଳିଥିବା ମୂର୍ତ୍ତିଗୁଡ଼ିକୁ ସମ୍ପୃକ୍ତ ମନ୍ଦିରକୁ ଫେରାଇଦିଆଯିବ। ସେହିପରି ଈଶାନେଶ୍ୱର ମନ୍ଦିର ମୂର୍ତ୍ତି ଚୋରୀ ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ପୋଲିସକୁ କିଛି ସୁରାଗ ମିଳିଛି। ଘଟଣାର ସତ୍ୟତାକୁ ଉନ୍ମୋଚନ ପାଇଁ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ଲୋକମାନଙ୍କୁ ସତର୍କ ରହିବା ସହ ଘଟଣା ସମ୍ପର୍କରେ କିଛି ତଥ୍ୟ ପାଇଲେ ପୋଲିସକୁ ଜଣାଇବା ପାଇଁ ଏସ୍‌ପି ସିଂହ କହିଛନ୍ତି।




ପ୍ରଶାନ୍ତ ସହିତ ମଞ୍ଜୁ
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ଦଶମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଦୁଇ ଜଣଙ୍କ ଜୀବନ ସଦା ସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
D-71876


## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକଲାଗି

**ପୁରୀ ଅଫିସ,୯।୩:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ୫ଟାରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ୬ଟା ୫ ମିନିଟ୍‌ରେ ପହଡ଼ ଆଳତି ସମ୍ପନ୍ନ ହେବା ପରେ ଏହି ଗୁପ୍ତ ନୀତି ସମ୍ପାଦନ ପାଇଁ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ୬ଟା ୧୫ରେ ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପ୍ରଭୃତି ଅନେକ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥିଲା। ଏହି ଗୁପ୍ତନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତି ୮ଟା ୨୦ରେ ବନକଲାଗି ନୀତି ସମ୍ପନ୍ନ ହୋଇଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଗଭା ମଇଲମ ସହ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### କୃଷି ସଚେତନତା ତାଲିମ କାର୍ଯ୍ୟକ୍ରମ

**ପିପିଲି,୯।୩(ଡି.ଏନ୍.ଏ.):** ପିପିଲି ନିକଟସ୍ଥ କୁଅଁରପୁରଠାରେ ଏକ କୃଷି ସମ୍ପର୍କିତ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଏମ୍‌ଏସ୍ ସ୍ୱାମୀନାଥନ ସ୍କୁଲ ଅଫ୍ ଏଗ୍ରିକଲ୍‌ଚରର ସ୍ନାତକ କୃଷି ବିଭାଗର ଶେଷ ବର୍ଷର ଛାତ୍ର ସ୍ୱାଗତ ସୌରଭ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ସ୍ଥାନୀୟ ବଛା ବଛା ଶହେରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଫସଲରେ ଜଳ ପରିଚାଳନା, ଅତ୍ୟାଧୁନିକ ପଦ୍ଧତିରେ ରୋଗ ପୋକ ଦମନ କୌଶଳ, ଜୈବିକ ଉପାୟରେ ସାର ଏବଂ କୀଟନାଶକ ତଥା ପଞ୍ଚଗବ୍ୟର ପ୍ରସ୍ତୁତି ଓ ବ୍ୟବହାର ଉପରେ ସ୍ୱାଗତ ଚାଷୀଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ପିପିଲି ଓ ନିମାପଡା ବ୍ଲକ ନିଯୁକ୍ତ କୃଷକ ସାଥୀ ତଥା ସୁରେନ୍ଦ୍ର ପ୍ରଧାନ, ଶରତ ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ, ପ୍ରଶାନ୍ତ ଛାଟୋଇ, ମନୋରଞ୍ଜନ ତ୍ରିପାଠୀ, ଚକ୍ରଧର ବାରିକ ଏବଂ ଭାଗୀରଥି ବାରିକ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଲେ ଯବାନ



ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିବା ଢେଙ୍କାନାଳ ଜିଲା ଅଁଳାଝରି ଗ୍ରାମର ବରିଷ୍ଠ ନାଗରିକମାନେ।

ପୁରୀ ଅଫିସ, ୯।୩

ଭାରତୀୟ ସେନାର ଯବାନ ଖାଲି ଦେଶ ମାତୃକାର ସେବା କରେ ତାହାନୁହେଁ, ବରଂ ଚାକିରିରୁ ଅବସର ନେବା ପରେ ମଧ ସେ ବିନା ବନ୍ଧୁକ ଓ ୟୁନିଫର୍ମରେ ସେବା କରିଥାଏ। ତେବେ ସେବା କରିବାର ମନୋବୃତ୍ତି ରହିବା ଆବଶ୍ୟକ ବୋଲି କହିଛନ୍ତି ଅବସରପ୍ରାପ୍ତ ସେନା ଅଫିସର ଢେଙ୍କାନାଳ ଜିଲା ଅଁଳାଝରି ଗ୍ରାମର ଦୀପେଶ କୁମାର ଦତ୍ତ। କେତେଜଣ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଦୀପେଶ ନିଜ ଖର୍ଚ୍ଚରେ ବୁଧବାର ଅଁଳାଝରି ଗ୍ରାମର ୨୦୦ରୁ

### ଦୀପେଶଙ୍କ ନିଆରା ସେବା

ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ପୁରୀ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇଛନ୍ତି। ଏଥିଯୋଗୁ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ମୁହଁରେ ଖୁସି ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଦୀପେସ୍ ଭାରତୀୟ ସେନାରେ କାର୍ଯ୍ୟ କରି ଅବସର ନେବା ପରେ ନିଜ ଗ୍ରାମକୁ ଫେରି ଆସିଥିଲେ। ଗ୍ରାମର ଶତାଧିକ ବରିଷ୍ଠ ନାଗରିକ ବିଭିନ୍ନ କାରଣରୁ ପୁରୀ ବୁଲିବାକୁ ଆସିପାରୁ ନ ଥିବା ଏବଂ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହେଉଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାକୁ ସେ ଯୋଜନା କଲେ। ପ୍ରଥମେ ବରିଷ୍ଠ ନାଗରିକମାନଙ୍କୁ ଏକାଠି କରି ଗୋଟିଏ ହ୍ୱାଟ୍‌ସ ଆପ୍ ଗ୍ରୁପ୍ କରିଥିଲେ। ଦୀପେଶ୍‌ଙ୍କ ଏପରି କାର୍ଯ୍ୟ ଦେଖି କେତେଜଣ ସ୍ୱେଚ୍ଛାସେବୀ ସହଯୋଗର ହାତ ବଢାଇଥିଲେ। ପରେ ଦିନ ଠିକ୍ କରାଯାଇ ଗତ ୬ରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବସରେ ବରିଷ୍ଠ ନାଗରିକମାନଙ୍କୁ ଦୀନେଶ ପୁରୀ ଆଣି ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ଆଗକୁ ମଧ ଏଭଳି କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି।

# ୧୫ ଗ୍ରସେରି ଦୋକାନରେ ଚଢ଼ାଉ

ନିମାପଡ଼ା,୯।୩(ଡି.ଏନ୍.ଏ.)

ପୁରୀ ଜିଲା ଓ ନିମାପଡ଼ା ଯୋଗାଣ ବିଭାଗ ପକ୍ଷରୁ ବୁଧବାର ନିମାପଡ଼ା, ବଳଙ୍ଗା, ଚାରିଛକ ଆଦି ସ୍ଥାନୀୟ ଅଞ୍ଚଳରେ ଥିବା ୧୫ଟି ଗ୍ରସେରି ଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ସମସ୍ତ ପ୍ରକାରର ଖାଇବା ତେଲକୁ ଏମ୍ଆର୍‌ପି ମୂଲ୍ୟଠାରୁ କମ୍ ଦର ତଥା ଖାଉଟି ମୂଲ୍ୟରେ ବିକ୍ରି କରିବା, ଦୋକାନରେ ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଷ୍ଟକ ଓ ମୂଲ୍ୟ ତାଲିକା ବୋର୍ଡ ଲଗାଇବା, ଜରୁରୀ ସାମଗ୍ରୀଗୁଡ଼ିକର କଳାବଜାର ନ କରିବା ନେଇ ଯୋଗାଣ ବିଭାଗର ଅଧିକାରୀମାନେ ଦୋକାନ ମାଲିକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି ମୁନାଫାଖୋର ବ୍ୟବସାୟୀ ଏମ୍ଆର୍‌ପି ଦର କିମ୍ବା ତା'ଠାରୁ ଅଧିକ ଦରରେ ଖାଇବା ତେଲ ବିକ୍ରି କରେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ଅଧିକାରୀମାନେ କହିଛନ୍ତି। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜାନକୀଭୂଷଣ ହାୱାଡା ସିଂ, ନିମାପଡ଼ା ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ରସିଂ, ଗୋପ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ ସେଠୀ, ପୁରୀ ସଦର ଯୋଗାଣ ଅଧିକାରୀ ସତ୍ୟବ୍ରତ, ପୁରୀ ମ୍ୟୁନିସିପାଲଟି ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।



ପୁରୀ ନରେନ୍ଦ୍ରକୋଣ ଅଞ୍ଚଳର ବିକାଶ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ଅନୁଧ୍ୟାନ କରୁଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗିବେ ମାଜିଷ୍ଟ୍ରେଟ

ଡେଲାଙ୍ଗ,୯।୩ (ଡି.ଏନ୍.ଏ.)

୧୧ ତାରିଖରେ ନାଏବ ସରପଞ୍ଚ ନିର୍ବାଚନ ହେବାକୁଥିବାବେଳେ ବିଦାୟୀ ସରପଞ୍ଚ କୁନ୍ଦମଣି ରାଉତରାୟଙ୍କ ସ୍ୱାମୀ ଆଦିକନ୍ଦ ରାଉତରାୟ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଚାବି ଦେବାକୁ ମନା କରିଥିଲେ। ତେଣୁ ଚାବି ଭାଙ୍ଗିବା ପାଇଁ ପୁରୀ ଉପଜିଲାପାଳ ଭବତାରଣ ସାହୁ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟକୁ ଚିଠି ଲେଖିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ଅତିରିକ୍ତ ତହସିଲଦାର ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଚାବି ଭଙ୍ଗାଯିବ। ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ଥାନା ଆଇଆଇସି ଅନିଲ ମହାନ୍ତି ପୋଲିସ ଫୋର୍ସ ସହିତ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି।

## ୧ନଂ. କାଉନ୍‌ସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

କୋଣାର୍କ,୯।୩(ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ କୋଣାର୍କ ଏନ୍ଏସି କାର୍ଯ୍ୟାଳୟରେ ଦାଖଲ ହୋଇଥିବା ୧୩ଟି ୱାର୍ଡର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ସରିଛି। ଯାଞ୍ଚରେ ୫୨ଜଣ କାଉନସିଲର ଓ ୧୦ଜଣ ପୌରାଧକ୍ଷା ପ୍ରାର୍ଥୀନୀଙ୍କ ନାମାଙ୍କନପତ୍ର କାଏମ୍ ରହିଛି। ୧ନଂ. ୱାର୍ଡର କଂଗ୍ରେସ କାଉନ୍‌ସିଲର ପ୍ରାର୍ଥୀନୀ ମମତା ଦାସ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ଏନ୍ଏସି ନିର୍ବାଚନ ଅଧିକାରୀ ଏସ୍‌କେ ସାଗିର କହିଛନ୍ତି।

## ବିନା ଟିକେଟରେ ଟ୍ରେନ୍ ଯାତ୍ରା: ଦଣ୍ଡ ଗଣିଲେ ୫୪

ପୁରୀ ଅଫିସ, ୯।୩

ବିଭିନ୍ନ ଟ୍ରେନ୍‌ରେ ବିନା ଟିକେଟରେ ଯାତ୍ରା କରିବା ଅଭିଯୋଗରେ ପୁରୀ ଆର୍‌ପିଏଫ ପୋଲିସ ୫୪ ଜଣଙ୍କୁ ଗିରଫ କରିଛି। ଆର୍‌ପିଏଫ ଥାନା ଅଧିକାରୀ ଅନିଲ ସିଂହ କହିଛନ୍ତି, ଆଇନ ଭଙ୍ଗକାରୀଙ୍କ ବିରୋଧରେ ରେଲୱେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ବୁଧବାର ଆର୍‌ପିଏଫ ପୋଲିସ୍ ବିଭିନ୍ନ ଟ୍ରେନ୍‌ରେ ତଲାସି କରିଥିଲା। ବିନା ଟିକେଟରେ ଭିନ୍ନକ୍ଷମ ଓ ମହିଳା ବଗିରେ ଯାତ୍ରା କରୁଥିବା ୫୪ ଜଣ ଯାତ୍ରୀ ଧରାପଡ଼ିଥିଲେ। ସେମାନଙ୍କୁ ଖୋର୍ଦ୍ଧା ସ୍ୱତନ୍ତ୍ର ରେଲୱେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ଅଭିଯୁକ୍ତ ଜରିମାନା ଦେବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।

# ଅସାମାଜିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ ଅଫିସ, ୯।୩

ଆସନ୍ତା ୨୪ତାରିଖରେ ପୁରୀ ଜିଲାର ନିମାପଡ଼ା, ପିପିଲି ଓ କୋଣାର୍କ ଏନ୍ଏସିରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ସମୟରେ ଯେପରି ଶାନ୍ତି ଶୃଙ୍ଖଳା ବଜାୟ ରହିବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ପୁରୀ ଏସ୍‌ପି କେ. ବିଶାଲ ସିଂହ ବୁଧବାର ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ନିୟୋଜିତ

### ପୌର ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା

କରାଯିବ। ଯେପରି କୌଣସି ଅଘଟଣ ନ ଘଟିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। କେଉଁ କେଉଁ ବୁଥରେ ଅଧିକ ପୋଲିସ ମୁତୟନ କରାଯିବ, କେଉଁ ଅଞ୍ଚଳରେ ନାକା ଲଗାଯିବ, ଅସାମାଜିକଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ସବୁ ଥାନା ଅଧିକାରୀଙ୍କୁ କୁହାଯାଇଛି। ନିର୍ବାଚନକୁ ନେଇ ବିଶୃଙ୍ଖଳା ହେଲେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ ବୋଲି ଏସପି କହିଛନ୍ତି। ଆସନ୍ତା ୨୪ ତାରିଖରେ ମତଦାନ ହୋଇ ୨୬ ତାରିଖରେ ଭୋଟ ଗଣତି ହେବ। ନିମାପଡ଼ାର ୧୧ଟି ୱାର୍ଡର ୧୯ଟି ବୁଥ, ପିପିଲିର ୧୬ଟି ୱାର୍ଡର ୨୦ଟି ବୁଥ ଏବଂ କୋଣାର୍କର ୧୩ଟି ୱାର୍ଡର ୧୫ଟି ବୁଥରେ ମତଦାନ ହେବ। ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳରେ ପିଙ୍କ ବୁଥ ଓ ଆଦର୍ଶ ମତଦାନ କେନ୍ଦ୍ର କରାଯିବ। ପ୍ରାୟ ୩୦୦ ଜଣ ପୋଲିଂ ଅଧିକାରୀ ଓ ୬ଜଣ ସେକ୍ଟର ଅଧିକାରୀ ନିୟୋଜିତ ହେବେ। ପିପିଲି ନିମନ୍ତେ ଜବାହର ବିଦ୍ୟାପୀଠ, ନିମାପଡ଼ା ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, କୋଣାର୍କ ନିମନ୍ତେ ଆଶ୍ରମ ସ୍କୁଲରେ ଷ୍ଟ୍ରଙ୍ଗରୁମ କରାଯିବ। ୨୩ ତାରିଖ ମଧ୍ୟାହ୍ନ ସୁଦ୍ଧା ପୋଲିଂ ଅଧିକାରୀମାନେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଞ୍ଚିବେ।

# ଅଧକ୍ଷା, ଉପାଧକ୍ଷ ପଦକୁ ନେଇ ଅନିଶ୍ଚିତତା

ଗୋପ,୯।୩(ଡି.ଏନ୍.ଏ.)

ଗୋପ ବ୍ଲକ ଅଧକ୍ଷା ପଦକୁ ନେଇ ଚର୍ଚ୍ଚା ଜୋର ଧରିଛି। କିଏ ବିଜୟର ମୁକୁଟ ପିନ୍ଧିବେ ନେଇ ଅନିଶ୍ଚିତତା ଦେଖାଦେଇଛି। ବ୍ଲକ ଅଧକ୍ଷା ଓ ଉପାଧକ୍ଷ ପଦବୀ ବିଜେଡି ହାତରେ ରହିବା ଆଶଙ୍କା ଥିବାବେଳେ ୧୦ ତାରିଖରେ ୨ଟି ପଦବୀ ପାଇଁ ପୁରୀରେ ବସୁଥିବା ବୈଠକରେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ପଦ ୧୯ରୁ ଅଧିକ ଥିବାବେଳେ ଏହି ଦୁଇଟି ପଦ ଲାଗି ୧୬ଜଣ ସଭ୍ୟ ସଭ୍ୟାଙ୍କ ଆବଶ୍ୟକତା ରହିଛି। ଗୋପ ବ୍ଲକଟି ୩ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ କାକଟପୁର ନିର୍ବାଚନମଣ୍ଡଳୀରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ରହିଛନ୍ତି। ପୁରୀ ସଦର ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ରହିଛନ୍ତି। ଗୋପ ବ୍ଲକ ଅଧକ୍ଷା ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଉପାଧକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ବିଡେ଼ି ଅଧିକ ସମିତି ସଭ୍ୟ ସଭ୍ୟା ଥିବାବେଳେ ଅଧକ୍ଷା ପଦବୀ ଗୋପ ଓ ଗଣେଶ୍ୱରପୁର ପଞ୍ଚାୟତକୁ ଏବଂ ଉପାଧକ୍ଷ ପଦ ତରକୋର ଓ ଦେଉଳି ପଞ୍ଚାୟତ ମଧ୍ୟରୁ ଗୋଟିଏକୁ ଯାଇପାରେ ବୋଲି ଚର୍ଚ୍ଚା ହେଉଛି।

# ନଦୀ ପାଣି ପିଉଛନ୍ତି ଶାଇଁସଶାସନବାସୀ



ଅଚଳ ପମ୍ପ ହାଉସ।



ଗ୍ରାମର ମହିଳାମାନେ ଗରା, ବାଲ୍‌ଟି ଧରି ନଦୀରୁ ପାନୀୟଜଳ ସଂଗ୍ରହ କରୁଛନ୍ତି ।

ନିମାପଡ଼ା,୯।୩(ଡି.ଏନ୍.ଏ.)

ଗ୍ରୀଷ୍ମଋତୁ ଆରମ୍ଭରୁ ନିମାପଡ଼ା ବ୍ଲକରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଏହି ବ୍ଲକ ଅଧୀନ ଶାଇଁସଶାସନ ପଞ୍ଚାୟତରେ ଗତ କିଛିଦିନ ହେବ ପାନୀୟଜଳ ନ ପାଇ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଞ୍ଚାୟତର ତୋରିଆବନ୍ଧ ଗ୍ରାମରେ ଥିବା ପମ୍ପହାଉସରେ ବିଦ୍ୟୁତ୍ ସଂଯୋଗ କଟିଯାଇଥିବାରୁ ତାହା ଏବେ ଅଚଳ ହୋଇପଡ଼ିଛି। ଫଳରେ ୪ଦିନ ହେବ ଏହି ପଞ୍ଚାୟତର ୯ନଂ., ୧୦ନଂ., ୧୧ନଂ. ଆଦି ୩ ୱାର୍ଡର ତୋରିଆବନ୍ଧ, ପ୍ରଧାନସାହି, ରାବଣାସାହି, ତେଲି ସାହି, ମଠ ସାହି, ମାଳି ସାହି, ତୋଟାସାହି ଆଦି ୮ଗ୍ରାମକୁ ପାଇପଲାଇନ ଜଳଯୋଗାଣ ବନ୍ଦ ରହିଛି। ଗ୍ରୀଷ୍ମଦିନ ଆରମ୍ଭରୁ ଖରାର ପ୍ରଖର ବଢ଼ିଯାଇଥିବା ବେଳେ ପାଇପଲାଇନ ଯୋଗାଣ ବନ୍ଦ ଯୋଗୁ ଗାଁଗଣ୍ଡା ସାହିର ମହିଳାମାନେ ବାଧ ହୋଇ ଅଧ କିଲୋମିଟର ଦୂର ନଦୀକୁ ଯାଇ ପାଣି ଆଣିବା ସହ ସେହି ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଆଖପାଖରେ କୌଣସି ପାଇପ କିମ୍ବା ନଳକୂପ ନ ଥିବାରୁ ଏତେ ଦୂର ଯାଇ ନଦୀରୁ ପାଣି ଆଣିବା ମହିଳାଙ୍କ ପାଇଁ କଷ୍ଟସାଧ ହୋଇଛି। ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ବକେୟା ବିଦ୍ୟୁତ୍ ବିଲ୍ ପୈଠ କରି ନ ଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ପମ୍ପହାଉସର ବିଦ୍ୟୁତ୍ ଲାଇନ ସଂଯୋଗ କାଟିଦିଆଯାଇଛି। ଏଥିଯୋଗୁ

### ୪ଦିନ ହେଲା ପମ୍ପ ହାଉସ୍ ଅଚଳ

ଶାଇଁସଶାସନ ପଞ୍ଚାୟତର ଉପରୋକ୍ତ ୩ଟି ୱାର୍ଡରେ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏ ସମସ୍ୟା ସମ୍ପର୍କରେ ନବନିର୍ବାଚିତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ବିଡିଓ ଓ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉପରୋକ୍ତ ୩ଟି ୱାର୍ଡର ୮ଟି ସାହିକୁ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରା ନ ଗଲେ ୱାର୍ଡବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବେ ବୋଲି ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳଙ୍କୁ ପଚାରିବାରେ ତୁରନ୍ତ ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉଭୟେ କହିଛନ୍ତି।


ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ
ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ- ୨୦।୦୩।୨୦୧୩
ନଅ ବର୍ଷ ପୂରି ଦଶବର୍ଷ ହେଲା କେଉଁ ପୁରେ ଗଲ ଜୀବନ ସାଥୀ। ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିଷହ ସନ୍ତାପିତ ପ୍ରାଣ ଝୁରଇ ନିତି। ସବୁ ସ୍ୱପ୍ନ ତୁମ ସ୍ୱପ୍ନରେ ରହିଲା ଅଧା ସବୁ ରଖିଗଲ। ଶୋକ ସାଗରରେ ଭସାଇ ସଭିଙ୍କୁ ପର କରି ଦେଇଗଲ। ନିଷ୍କଳଙ୍କ ମନ ପବିତ୍ର ହୃଦୟ ମଣିଷ ଟିଏତ ଥିଲ। ସମସ୍ତଙ୍କ ମନ ହୃଦୟରେ ତୁମେ ଛାପ ହୋଇ ରହିଗଲ। ଜାଣନ୍ତି ସଭିଏଁ ଚାଲିଯିବେ ଦିନେ ସବୁ କରି ଦେଇ ପର। ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହ ଧାର।
ଇତି: ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍ ନଂ.- 9437147350
ଧ-୨୩୩୫୫

ଦଶାହ ଉପଲକ୍ଷେ

ସ୍ୱର୍ଗତ ବୁଦ୍ଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା)
ତିରୋଧାନ: ୦୧।୦୩।୨୦୨୨ (ମହା ଶିବରାତ୍ରି)
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁଅ: ରବି, ବୋହୂ: ଚଞ୍ଚଳା, ଝିଅ/ଜ୍ୱାଇଁ: ଲକି, ବିୟୁଟି, ଚନ୍ଦନ ଓ ସାହୁ ପରିବାରବର୍ଗ ।
ଧ-୨୩୩୫୨

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୩୩୦୧

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

**ତିଗିରିଆ,୯।୩ (ଡି.ଏନ୍.ଏ.):** ତିଗିରିଆ ଥାନା ଅଞ୍ଚଳରେ ନାବାଳିକା ଅପହରଣ ମାମଲାରେ ଅଚଳକୋଟ ଗ୍ରାମର ପବିତ୍ର କୁମାର ନାୟକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମାର୍ଚ୍ଚ ୩ରେ ପବିତ୍ର ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ (ନଂ. ୪୩/୨୨) ରୁଜୁ କରିଥିଲା। ମଙ୍ଗଳବାର ରାତିରେ ତିଗିରଆ ପୋଲିସ କୌଣସି ସୂତ୍ରରୁ ଖବରପାଇ ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମରୁ ନାବାଳିକାକୁ ଉଦ୍ଧାର କରିବା ସହ ପବିତ୍ରଙ୍କୁ ଧରିଥିଲା ବୋଲି ଏସ୍ଏସ୍ଆଇ ସନ୍ତୋଷ କୁମାର ପ୍ରଧାନ କହିଛନ୍ତି। ଏଥିସହ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

### କ୍ରିକେଟ ଟୁର୍ନାମେଣ୍ଟ, କଟକ ଏକାଦଶ ବିଜୟୀ

**କଟକ ଅଫିସ,୯।୩:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୟଙ୍ଗ ମେନ୍ ଖ୍ରୀଷ୍ଟିଆନ୍ ଆସୋସିଏଶନ(ୱାଇଏମ୍ସିଏ) ପକ୍ଷରୁ ମହିଳାମାନଙ୍କୁ ନେଇ ନିମପୁର ପଡ଼ିଆରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟର ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନର ପୂର୍ବତନ ସଭାପତି ଆଶୀର୍ବାଦ ବେହେରା ଓ ରାଜ୍ୟ ମହିଳା କମିଶନ୍ର ସଭ୍ୟ କୁମାରୀ ଜଲିନା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ କଟକ ଏକାଦଶ ବିଜୟୀ ହୋଇଥିବାବେଳେ କିଟ୍ ଏକାଦଶ ରନର୍ସ ଅପ୍ ହୋଇଛି। ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିବା କୁମାରୀ ଶିଳ୍ପୀ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ୱାଇଏମ୍ସିଏ କଟକର ସଭାପତି ଡା. ରାଜବଲ୍ଲଭ ମହାନ୍ତି, ଉପସଭାପତି ତଥା ଆଇନଜୀବୀ ସାମୁଏଲ ରାଉତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଦେବେଶ କୁମାର ରାଉଳ, ସୁଜିତ ପାଣି ଓ ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୱାଇଏମ୍ସିଏ ସାଧାରଣ ସମ୍ପାଦକ ସୁଜିତ ଦାସ ଧନ୍ୟବାଦ ଦେଇଥିଲେ।

### ଖବରକାଗଜ ବିକ୍ରେତାଙ୍କୁ ଆର୍ଥିକ ସହାୟତା

**କଟକ ଅଫିସ,୯।୩:** ଖବରକାଗଜ ବିକ୍ରେତା ହରି ପାଲଙ୍କ ଶରୀର ଅସୁସ୍ଥ ହୋଇପଡ଼ିଛି। ଚିକିତ୍ସା ନିମନ୍ତେ ସମ୍ବାଦପତ୍ର ବିକ୍ରେତା ସଂଘ ସଦସ୍ୟମାନେ ଖଟବିନ ସାହିସ୍ଥିତ ତାଙ୍କ ବାସଭବନରେ ବୁଧବାର ପହଞ୍ଚି ୨ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ ଓ ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

**କଟକ ଅଫିସ, ୯।୩:** କଟକ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଖାନ୍ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭିନ୍ନକ୍ଷମଙ୍କ ନିମନ୍ତେ କାର୍ଯ୍ୟରତ ସାଧନକର୍ମୀମାନଙ୍କ ଉଦ୍ୟମ ସମ୍ପର୍କିତ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍ଗୋ ଉଦ୍ଘାଟନ କରିଥିଲେ। ଏଥିସହ ଶିବିରରେ ଯୋଗ ଦେଇଥିବା ୩୬ ଜଣ ଗୋଷ୍ଠୀ ସାଧନକର୍ମୀ ସେମାନଙ୍କ ଅନୁଭୂତିକୁ କର୍ମକ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସବିତା ପଣ୍ଡା, ଦୀନବନ୍ଧୁ ଦଳାଇ ଓ ଗଣେଶ୍ୱର ନାୟକ ଶିବିର ପରିଚାଳନା କରିଥିଲେ।

# ହତ୍ୟା ପାଇଁ ୨୦ ହଜାର ସୁପାରି

**କଟକ ଅଫିସ,୯।୩**

କଟକ ବିଡ଼ାନାସୀ ଥାନା ଅଧୀନ ଭୁଆସୁଣୀ ନିକଟ ମହାନଦୀ ପଠାରେ ଘଟିଥିବା ଆଜାଦ ଯାଦବ ହତ୍ୟା ଘଟଣାର ରହସ୍ୟ ବୁଧବାର ଉନ୍ମୋଚନ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜରେ ରହୁଥିବା ବିହାର ଭାଗଲପୁରର ମୁନା ଓରଫ ମୁନିଲାଲ ଶର୍ମା ଓ କୈଳାସ ଚୌଧୁରୀ। ପରକୀୟା ପ୍ରୀତି ଯୋଗୁ ମୁନା ଟଙ୍କା ଦେବା ଆଳରେ ଆଜାଦଙ୍କୁ ମହାନଦୀ ପଠାକୁ ଡାକି ହତ୍ୟା କରିଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପଙ୍କଜ ଶର୍ମା ଫେରାର ଅଛନ୍ତି। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଡିସିପିଙ୍କ ସୂଚନା ଅନୁଯାୟୀ, ଆଜାଦ ଓ ମୁନାଙ୍କ ଘର ବିହାରରେ ହୋଇଥିବାବେଳେ ପରସ୍ପର ମଧ୍ୟରେ ସମ୍ପର୍କ ରହିଥିଲା। କିଛିବର୍ଷ ହେବ ସେମାନେ ବିହାରରୁ ଭୁବନେଶ୍ୱର ଆସି ମାର୍ବଲ ଓ ସିଲିଂ ମିସ୍ତ୍ରି ଭାବେ କାମ କରୁଥିଲେ। ପଙ୍କଜ ହେଉଛନ୍ତି ମୁନାଙ୍କ ସମ୍ପର୍କୀୟ ପୁତୁରା। ସେମାନଙ୍କ ମଧ୍ୟରୁ ମୁନା, ପଙ୍କଜଙ୍କ ପରିବାର କଟକରେ ରହୁଥିଲାବେଳେ ଆଜାଦ ଭୁବନେଶ୍ୱର ଶହୀଦ ନଗରରେ ପରିବାର ସହ ଭଡ଼ାଘରେ ରହୁଥିଲେ। ପରେ ଆଜାଦ ଓ ପଙ୍କଜ ଗୋଟିଏ ସ୍ଥାନରେ କାମ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ସେଥିପାଇଁ ପଙ୍କଜ ରହୁଥିବା ଘରକୁ ଆଜାଦ ଯାଉଥିଲେ। ଇତିମଧ୍ୟରେ ପଙ୍କଜଙ୍କ ସ୍ତ୍ରୀ ଓ ଆଜାଦଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହା ଜଣାପଡିବା ପରେ ପଙ୍କଜ ତାଙ୍କ ସ୍ତ୍ରୀଙ୍କୁ ଅନେକ ସମୟରେ ମାଡ ମାରୁଥିଲେ। ଗତବର୍ଷ ପଙ୍କଜଙ୍କ ଅଜାଣତରେ ତାଙ୍କ ସ୍ତ୍ରୀଙ୍କୁ ସାଥୀରେ ଧରି ନିଜ ଗାଁ ବିହାର ନେଇଯାଇଥିଲେ ଆଜାଦ। ଏହାକୁ ନେଇ ସେଠାରେ(ବିହାର)ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ ଉଭୟଙ୍କୁ ବୁଝାଶୁଝା କରି କିଛିଦିନ ପରେ ପଠାଇ ଦେଇଥିଲେ। ଏହାପରେ ପଙ୍କଜ ତାଙ୍କ ସ୍ତ୍ରୀଙ୍କୁ ଗ୍ରହଣ କରିଥିଲେ। ହେଲେ

**ଆଜାଦ୍ ହତ୍ୟା ଘଟଣା**

**■ ୨ଅଭିଯୁକ୍ତ ଗିରଫ**



ଗିରଫ ୨ ଅଭିଯୁକ୍ତ।

ଏହି ଘଟଣା ପରଠାରୁ ପଙ୍କଜ ପ୍ରତିଶୋଧ ପରାୟଣ ହୋଇ ଆଜାଦଙ୍କୁ ଜୀବନରୁ ମାରି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଭିତରେ ଆଜାଦ ମୁନା ସହିତ କାମ କରୁଥିବା ପଙ୍କଜ ଜାଣିବାକୁ ପାଇଥିଲେ। ତେଣୁ ସେ ତାଙ୍କୁ ହାତ କରି ଆଜାଦଙ୍କୁ ମାରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ପଙ୍କଜ ସୁପାରି ବାବଦରେ ୨୦ ହଜାର ଟଙ୍କା ମୁନାଙ୍କୁ ଦେଇଥିଲେ। ମୁନା ଗତମାସ ୨୫ରେ ବକେୟା ଟଙ୍କା ଦେବା ଆଳରେ ଆଜାଦଙ୍କୁ କଟକ ଡାକିଥିଲେ। ସେ କଟକରେ ପହଞ୍ଚିବା ପରେ ଉଭୟ ଭୁଆସୁଣି ନଦୀ ପଠାକୁ ଯାଇଥିଲେ। ସେଠାରେ ମଦ ପିଇବା ପରେ ମୁନା ହାତରେ ଧରିଥିବା ବୋତଲରେ ଆଜାଦ୍ଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ସେ ବେହୋସ ହୋଇଯିବାରୁ ଗୋଟିଏ ପଥର ଆଣି ତାଙ୍କ ମୁହଁକୁ ଛେଚିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଆଜାଦ୍ଙ୍କ ମୋବାଇଲ ଓ ବାଇକକୁ ମୁନା ଅନ୍ୟତ୍ର ପକାଇ ଦେଇଥିଲେ। ଏହାପରେ ମୁନା ଫୋନ କରି ତାଙ୍କ ସାଥୀ କୈଳାସଙ୍କୁ ଡାକିଥିଲେ। କୈଳାସ ବାଇକ୍ ଧରି ପହଞ୍ଚିବା ପରେ ଉଭୟ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ମୁନା ଓ କୈଳାସ ବାଦାମବାଡ଼ିରୁ ବସ ଯୋଗେ କେଉଁଆଡେ ଯିବା ପାଇଁ ଆସିଥିଲେ। ଖବରପାଇ ଥାନାଧିକାରୀ ପ୍ରଦୀପ୍ତ କିଶୋର ନାୟକ ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ମୁନା ଆଜାଦଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଆଜାଦଙ୍କ ଗଳିତ ମୃତଦେହ ମହାନଦୀ ପଠାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ଡିସିପି ସିଂଙ୍କ ନେତୃତ୍ୱରେ ଡଗସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଛାନ୍ଭିନ୍ କରିଥିଲା। ଆଜାଦଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବିଡାନାସୀ ପୋଲିସ ଏକ ହତ୍ୟା ମାମଲା (ନଂ. ୩୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ବିବାହ ବାର୍ଷିକୀ ଶୁଭେଚ୍ଛା



ପ୍ରଶାନ୍ତ ସହିତ ମଞ୍ଜୁ
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ଦଶମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଦୁଇ ଜଣଙ୍କ ଜୀବନ ସଦା ସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
D-71876

### ଆକ୍ରମଣରେ ପରାଜିତ ୱାର୍ଡସଭ୍ୟ ଗୁରୁତର

**ଖୁଣ୍ଟୁଣୀ,୯।୩(ଡି.ଏନ.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମ ୬ନଂ. ୱାର୍ଡର ପରାଜିତ ୱାର୍ଡସଭ୍ୟ ବିଷ୍ଣୁ ପ୍ରଧାନଙ୍କୁ ବୁଧବାର ରାତିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଡାଳଭାଗ ଗ୍ରାମ ଦଳିତସାହି ଛକଠାରେ ବିଷ୍ଣୁ ଛିଡା ହୋଇଥିବାବେଳେ ଉକ୍ତ ଅଞ୍ଚଳର ରତିକାନ୍ତ ବେଉରା ପହଞ୍ଚିଥିଲେ। ଗତ ନିର୍ବାଚନକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରତିକାନ୍ତ ଉତ୍କ୍ଷିପ୍ତ ହୋଇ ବିଷ୍ଣୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଷ୍ଣୁଙ୍କ ମୁହଁ ଓ ନାକରୁ ପ୍ରଚୁର ରକ୍ତସ୍ରାବ ହେବାରୁ ସ୍ଥାନୀୟ ଏକ ଘରୋଇ କ୍ଲିନିକ୍ରେ ଭର୍ତ୍ତି କରାଯାଇଥିଲା। ଏ ନେଇ ବିଷ୍ଣୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୮/୨୨) ରୁଜୁ କରିଛି। ଏହି ଘଟଣାକୁ ନେଇ ଡାଳଭାଗ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

### ଶିବିରରେ ୧୧୫ ପ୍ରାଣୀଙ୍କ ଚିକିତ୍ସା

**କଟକ ସଦର, ୯।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ୪୨ ମୌଜାସ୍ଥିତ ବରାଳ ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା। ଏଥିରେ କଳପଡ଼ା ପ୍ରାଣୀ ଚିକିତ୍ସାଳୟ ଅଧୀନ ବିଭିନ୍ନ ଗ୍ରାମର ୧୧୦ଟି ଗୋରୁ ଓ ୫ଟି କୁକୁରଙ୍କ ଚିକିତ୍ସା ହୋଇଥିଲା। ଏହି ଶିବିରରେ ଡ. ଅନ୍ତର୍ଯ୍ୟାମୀ ମହାନ୍ତି, ଡ. ବସନ୍ତ ସାହୁ, ଡ. କେଶବଚନ୍ଦ୍ର ମହାନ୍ତି, ଡ. ପ୍ରଭାତ କୁମାର ସାହୁ, ଡ. ଦୀପକ ସେନାପତି, ଡ. ଚିନ୍ମୟ ଭୂୟାଁ, ଡ. ଅମିତା ପ୍ରଧାନ ଯୋଗଦେଇ ପ୍ରାଣୀଙ୍କର ଚିକିତ୍ସା କରିଥିଲେ। ପ୍ରାଣୀଧନ ନିରୀକ୍ଷକ ସୁଜିତ୍ ପତି, ମହେନ୍ଦ୍ର ପରିଡା ଓ ଜୟନ୍ତ ନାୟକ ସହଯୋଗ କରିଥିଲେ।

### ଜଙ୍ଗଲରୁ କାଠ, ପଟା ଜବତ

**ଖୁଣ୍ଟୁଣୀ,୯।୩(ଡି.ଏନ.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୋବରା ଗ୍ରାମ ପାର୍ଶ୍ୱ ସଂରକ୍ଷିତ ଜଙ୍ଗଲରେ ବୁଧବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ ସିଏଫ୍ଟିରୁ ଊର୍ଦ୍ଧ୍ୱ ମୂଲ୍ୟବାନ କାଠ ଓ ପଟା ଜବତ କରାଯାଇଛି। ଉକ୍ତ ଜଙ୍ଗଲର ଏକ ପରିତ୍ୟକ୍ତ ସ୍ଥାନରେ କାଠ ଓ ପଟା ଗଚ୍ଛିତ ଥିବା ଜଣା ପଡ଼ିବା ପରେ ବନ ବିଭାଗ ଚଢ଼ାଉ କରିଥିଲା।

## 'ପ୍ରତି କ୍ଷେତ୍ରରେ ଇଞ୍ଜିନିୟରିଂ ଶିକ୍ଷାର ପ୍ରାଧାନ୍ୟ ରହିଛି'



ଡ୍ରିମ୍ସର ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**କଟକ ଅଫିସ, ୯।୩**

**'ବସନ୍ତିକା-୨୦୨୨' ଉଦ୍ଘାଟିତ**

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ବସନ୍ତିକା-୨୦୨୨' ଜୟଶ୍ରୀ ଅଡିଟୋରିୟମରେ ବୁଧବାର ଉଦ୍ଘାଟିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ତ୍ରିଭୁବନ ମହାପାତ୍ର ଯୋଗଦେଇ କହିଥିଲେ, ପ୍ରତ୍ୟେକ କ୍ଷେତ୍ରରେ ଇଞ୍ଜିନିୟରିଂ ଶିକ୍ଷାର ପ୍ରାଧାନ୍ୟ ରହିଛି। ଇଞ୍ଜିନିୟରିଂ ଛାତ୍ରୀଛାତ୍ର ସବୁଠି ନିଜର ପାରଦର୍ଶିତା ପ୍ରତିପାଦନ କରି ଦେଶର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ସିନେ ପ୍ରଯୋଜକ ସଞ୍ଜୟ ନାୟକ, ଓଲିଉଡ୍ ଅଭିନେତ୍ରୀ ଜିନା ସାମଲ, ଅଭିନେତା ରୁଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ର ଜୀବନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଏହାର ଠିକ୍ ବିନିଯୋଗ କରି ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ବିବରଣୀ ଉପସ୍ଥାପନ ଓ ଡିନ୍ (ଏକାଡେମିକ୍) ଡ. ଜୀବନାନନ୍ଦ ମେହେନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ପ୍ରତ୍ୟାଶା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଓଡ଼ିଶାର ଶିଳ୍ପାୟନ କ୍ଷେତ୍ର ବିକାଶ ଉପରେ ଗୁରୁତ୍ୱ

**କଟକ ଅଫିସ, ୯।୩**

**୧୮ତମ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ**

ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ (ଓଇଆ) ପକ୍ଷରୁ ୧୮ତମ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ ଅବସରରେ ଏକ ଆଲୋଚନାଚକ୍ର ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ବିକାଶ ନିମନ୍ତେ ସଚେତନତା ସୃଷ୍ଟି, ଆତ୍ମନିଯୁକ୍ତି, ଯୋଜନାର ଅଗ୍ରଗତି ଏବଂ ଅଧିକରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବା ଦିଗ ଉପରେ ଆଲୋଚନା କରାଯାଇଥିଲା। ସଂଘ ସଭାପତି ବିରଞ୍ଚି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ମୁଖ୍ୟବକ୍ତା ଭାବେ ଏମ୍ଏସ୍ଏମ୍ଇ ବିକାଶ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟରର ସାଧାରଣ ପରିଚାଳକ ଏଲ୍. ରାଜଶେଖର ଓ ବରିଷ୍ଠ ପରିଚାଳକ ଡା. ଏସ୍.କେ. କର ଯୋଗ ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ବିଜୟ ସାହୁ, ଆଦିତ୍ୟ କୁମାର ପାଟୋଡ଼ିଆ, ମହେଶ୍ୱର ପରିଡ଼ା ଓ ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସାଧାରଣ ସମ୍ପାଦକ ସୁହେଲ ସଜାଦ ସରିଫ୍ ଧନ୍ୟବାଦ ଦେଇଥିଲେ।

## ରୋଷେଇ ଘରୁ ମିଳିଲା ମହିଳାଙ୍କ ମୃତଦେହ

**ତିଗିରିଆ,୯।୩ (ଡି.ଏନ୍.ଏ.)**

ତିଗିରିଆ ଥାନା ଅନ୍ତର୍ଗତ ପୁରୁଣାତିଗିରିଆ ଗ୍ରାମରେ ରେଷେଇ ଘରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଏହି ଗ୍ରାମର କାହ୍ନୁଚରଣ ସାହୁଙ୍କ ସ୍ତ୍ରୀ ସୁଶାନ୍ତି ସାହୁ (୪୭)। ଏନେଇ ସ୍ୱାମୀଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୫୦/୨୨) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, କାହ୍ନୁଚରଣଙ୍କ ତିଗିରିଆ ଗୋହିରୀମୁଣ୍ଡ ଛକରେ ଏକ ତେଜରାତି ଦୋକାନ ରହିଛି। ସବୁଦିନପରି ମଙ୍ଗଳବାର ଅପରାହ୍ନରେ ଦୋକାନରୁ ରାତି ସାଢ଼େ ୯ଟାରେ ଘରକୁ ଫେରିଥିଲେ। ମାତ୍ର ସୁଶାନ୍ତି କବାଟ ନ ଖୋଲିବାରୁ ସେ ଘର ପଛପଟେ ଚଢ଼ି ରୋଷେଇ ଘର ଭିତରେ ସ୍ତ୍ରୀଙ୍କୁ ରକ୍ତ ଜୁଡୁବୁଡ଼ ଅବସ୍ଥାରେ ପାଇଥିଲେ। ସୁଶାନ୍ତିଙ୍କ ମୁଣ୍ଡ ପଛପଟେ ଗଭୀର କ୍ଷତ ହୋଇଥିଲା। ତୁରନ୍ତ କାହ୍ନୁ ତାଙ୍କୁ ନେଇ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଶାନ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଅ ଝିଅ ବାହାରେ ପାଠ ପଢୁଥିବାରୁ ବୁଧବାର ସକାଳେ ପର୍ଯ୍ୟନ୍ତ ମୃତଦେହ ସତ୍କାର ପାଇଁ ରଖାଯାଇଥିଲା। ମୃତଦେହ ଦାହ କରିବାକୁ ନେବା ପୂର୍ବରୁ ସୁଶାନ୍ତିଙ୍କ ବେକରେ ସୁନା ହାର ନ ଥିବା ଜଣାପଡ଼ିଥିଲା। ଏଥିସହ ବେକରେ ଆଘାତ ଲାଗିଥିବା ଜଣାପଡ଼ିଥିଲା। ଏନେଇ କାହ୍ନୁ ତିଗିରିଆ ଥାନାରେ ଜଣାଇବା ପରେ ଆଇଆଇସି ସୁଚିତ୍ରା ଜେନା, ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେମାନେ ରୋଷେଇଘରେ ପଡ଼ିଥିବା ରକ୍ତଛିଟାର ନମୁନା ସଂଗ୍ରହ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ଜେନା କହିଛନ୍ତି।

## ଅଧ୍ୟକ୍ଷ ପଦବୀକୁ ନେଇ ଛକାପଞ୍ଝା

**ନିଶ୍ଚିନ୍ତକୋଇଲି,୯।୩(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି**

ପଞ୍ଚାୟତ ନିର୍ବାଚନ ସରିବା ପରେ ଏବେ କଟକ ଜିଲାର ନିଶ୍ଚିନ୍ତକୋଇଲି ପଞ୍ଚାୟତରେ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏନେଇ ବିଶେଷ କରି ବିଜେଡି ସମର୍ଥିତ ନିର୍ବାଚିତ ସମିତି ସଭ୍ୟଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ୪୧ ପଞ୍ଚାୟତକୁ ନେଇ ଗଠିତ। ସେଥିରୁ ୩୩ରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଆଉ ୮ଟିରେ ଅସନ୍ତୁଷ୍ଟ ଓ ବିରୋଧୀ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ଏହି ବ୍ଲକର ସବୁ ପଞ୍ଚାୟତ କଟକ ସଦର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆସୁଛି। ସେଥିରୁ କଟକ ସଦର ନିର୍ବାଚନ ମଣ୍ଡଳୀରେ ୧୪ ଓ ମାହାଙ୍ଗା ଭିତରେ ୨୭ ପଞ୍ଚାୟତ ରହିଛି। ଚଳିତ ପଞ୍ଚାୟତ ନିର୍ବାଚନରେ କଟକ ସଦରରୁ ବିଜେଡିର ସମର୍ଥିତ ୧୨ ଓ ସ୍ୱାଧୀନ ପ୍ରାର୍ଥୀଭାବେ ୨ ଜଣ ବିଜୟୀ ହୋଇଛନ୍ତି। ସେହିପରି ମାହାଙ୍ଗାରୁ ୨୧ ବିଜେଡି ସମର୍ଥିତ ଓ ୬ଜଣ ବିରୋଧୀ ଓ ଅସନ୍ତୁଷ୍ଟ ପ୍ରାର୍ଥୀ ଜିତିଛନ୍ତି।

ଉଭୟ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତାମାନେ ନିଜ ନିଜ ଆନୁଗତ୍ୟଙ୍କୁ ଅଧ୍ୟକ୍ଷ ପଦବୀରେ ବସାଇବାକୁ ଉଦ୍ୟମ କରୁଛନ୍ତି। ଅପରପକ୍ଷେ ଅସନ୍ତୁଷ୍ଟ ଅବା ବିରୋଧୀ ଦଳର ସମର୍ଥିତ ସଭ୍ୟମାନେ ନିର୍ଣ୍ଣାୟକ ଭୂମିକା ନିଭାଇବେ ବୋଲି ଚର୍ଚ୍ଚା ହେଉଛି। ୨୦୧୭ରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତର ସବିତା ଓଝା ଅଧ୍ୟକ୍ଷା ପଦବୀ ହାତେଇଥିଲେ। ଚଳିତଥର ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରୁ ଅଧ୍ୟକ୍ଷ ପଦ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷେ ସଦର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ପଞ୍ଚାୟତଗୁଡ଼ିକରେ ୧୨ ଜଣ ସମିତି ସଭ୍ୟ ଥିବାରୁ ଏଠାରୁ ଉପାଧ୍ୟକ୍ଷା ପଦ ପାଇଁ ଆଶାୟୀ ରହିଛନ୍ତି। ଏପରିସ୍ଥିତିରେ ଉଭୟ ପଦବୀ କିଏ ହାତେଇବ ତାହା ଦେଖିବାକୁ ବାକି ରହିଲା।

## ବୋରାସମ୍ବର-ସେନାପତି ତର୍କ ପ୍ରତିଯୋଗିତା

**କଟକ ଅଫିସ, ୯।୩**

ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବୋରାସମ୍ବର-ସେନାପତି ତର୍କ ପ୍ରତିଯୋଗିତା ସେଭେନ୍ ପିଲାର୍ ଅଫ୍ ଉଇଜ୍ଡମ୍ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ପୌରୋହିତ୍ୟ କରି ବାକ୍ ସ୍ୱାଧୀନତା, ଚିନ୍ତନ ଓ ବିଚାରର ଭୟମୁକ୍ତ ପ୍ରକାଶ କରିବାକୁ ପ୍ରତିଯୋଗୀ ଏବଂ ଅନ୍ୟ ଅଧ୍ୟାୟୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ବରିଷ୍ଠ ପୋଲିସ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ ଓ ଅନୁବାଦକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ବିଚାରକ ଭାବେ ଯୋଗଦେଇଥିଲେ। ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତାରେ ୧୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ବିବିଧ ବିଷୟ ଓ ବିଚାର ଦୃଷ୍ଟିରୁ ଆଲୋଚ୍ୟ ପ୍ରସଙ୍ଗରେ ନିଜର ତର୍କ ଉପସ୍ଥାପନ କରିଥିଲେ। ଏଥିରେ ପୂଜା ମହାନ୍ତି ପ୍ରଥମ, ରାଘବ ଚୌଧୁରୀ ଦ୍ୱିତୀୟ ଏବଂ ଅର୍ପିତା ଦାଶ ଓ ସୁଯେଶା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯାଞ୍ଚ ହେଲା ପ୍ରାର୍ଥିପତ୍ର, ୫ ନାକଚ

**କଟକ ଅଫିସ, ୯।୩**

ପୌର ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ସିଏମ୍ସିର ମୋଟ୍ ୫୯ ୱାର୍ଡ ପାଇଁ ୩୨୬ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରେ ମେୟର ପାଇଁ ୩୧ ଓ କର୍ପୋରେଟର ପାଇଁ ୨୯୫ ରହିଛି। ତେବେ ମେୟର ପାଇଁ ୨୨ ଜଣ ପ୍ରାର୍ଥୀ ୩୧ ସେଟ୍ ପ୍ରାର୍ଥିପତ୍ର ସିଏମ୍ସି ନିକଟରେ ଦାଖଲ କରିଥିଲେ। ସେହିପରି କର୍ପୋରେଟର ପାଇଁ ୨୬୯ ଜଣ ୨୯୫ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ହେଲେ ବୁଧବାର ଯାଞ୍ଚବେଳେ ୨୨ ଜଣଙ୍କ ମେୟର ପ୍ରାର୍ଥୀ ମଧ୍ୟରୁ ୪ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସେହିପରି ୨୬୯ ଜଣ କର୍ପୋରେଟର ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି। ତେବେ ଯାଞ୍ଚ ପରେ ୧୮ ଜଣ ମେୟର ପ୍ରାର୍ଥୀ ଓ ୨୬୮ କର୍ପୋରେଟର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି ବୋଲି ସିଏମ୍ସି ପକ୍ଷରୁ ସୂଚନା ମିଳିଛି। ଏଥିସହ ସେମାନଙ୍କୁ ଚିହ୍ନ ପ୍ରଦାନ କରାଯାଇଛି। କାଏମ ଥିବା ମେୟର ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସର ଗିରିବାଳା ବେହେରା ହାତ ଚିହ୍ନରେ, ବିଜେଡିର ସୁବାସ ସିଂ ଶଙ୍ଖ ଚିହ୍ନରେ ଓ ଭାଜପାର ଶ୍ରୀତମ ଦାସ ପଦ୍ମଫୁଲ ଚିହ୍ନରେ ନିର୍ବାଚନ ଲଢିବେ। ସେହିପରି ବିଏସ୍ପିର ବିଜୟ କୁମାର ସାମଲ ହାତୀ ଚିହ୍ନରେ, କୃପା ପାର୍ଟିରୁ ପ୍ରେମଜିତ୍ ସାହୁ ଉଡାଜାହଜ ଚିହ୍ନରେ, ଏଏପିର ସେକ୍ ମୁସ୍ତାକ ଅଲି ଝାଡୁ ଚିହ୍ନରେ, ଏସ୍ୟୁସିଆଇ(ସି)ର ବବି ବଳବନ୍ତରାୟ ଶିଡି ଚିହ୍ନରେ ନିର୍ବାଚନ ଲଢିବେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିକାଶ କୁମାର ସାହୁ ସାଇକେଲ ଚିହ୍ନରେ, ଓମ୍ ପ୍ରକାଶ ପଣ୍ଡା ଘୁଞ୍ଚୁରି ଚିହ୍ନରେ, ସଞ୍ଜିତ କୁମାର ସାମଲ ଟପ୍ ଚିହ୍ନରେ, ରୁଦ୍ର ମହାଦେବ ପଣ୍ଡା ମଶାଲ ଚିହ୍ନରେ, ଜୟ ଶଙ୍କର ଆଚାର୍ଯ୍ୟ ପାତ୍ର ଚିହ୍ନରେ, ଦେବାନନ୍ଦ ମହାପାତ୍ର ଇଙ୍କ୍ ପଟ ଏବଂ ପେନ୍ ଚିହ୍ନରେ, ସୌଦାମିନୀ ମିଶ୍ର ରେଡିଓ ଚିହ୍ନରେ, ଦୟାନିଧି ନାୟକ ନଡିଆଗଛ ଚିହ୍ନରେ, ହେମନ୍ତ କୁମାର ସାହୁ ପୁଅଝିଅ ଚିହ୍ନରେ, ଶ୍ରୀରାମ ପାଣ୍ଡେଙ୍କୁ ରେଳ ଇଞ୍ଜିନ୍ ଚିହ୍ନରେ, ବୃନ୍ଦାବନ ଦାସ ଆଜାଦ୍ ଡ୍ରମ୍ ଚିହ୍ନରେ ନିର୍ବାଚନ ଲଢିବେ। ସିଏମ୍ସିର ବିଜୁଭବନ କାଉନ୍ସିଲ ହଲରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ଆସନ୍ତା ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥୀତାଲିକା ପ୍ରକାଶ ପାଇବ।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ
ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ- ୨୦।୦୩।୨୦୧୩
ନଅ ବର୍ଷ ପୂରି ଦଶବର୍ଷ ହେଲା କେଉଁ ପୁରେ ଗଲ ଜୀବନ ସାଥୀ। ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିଷହ ସନ୍ତାପିତ ପ୍ରାଣ ଝୁରଇ ନିତି। ସବୁ ସ୍ୱପ୍ନ ତୁମ ସ୍ୱପ୍ନରେ ରହିଲା ଅଧା ସବୁ ରଖିଗଲ । ଶୋକ ସାଗରରେ ଭସାଇ ସଭିଙ୍କୁ ପର କରି ଦେଇଗଲ। ନିଷ୍କଳଙ୍କ ମନ ପବିତ୍ର ହୃଦୟ ମଣିଷ ଟିଏତ ଥିଲ। ସମସ୍ତଙ୍କ ମନ ହୃଦୟରେ ତୁମେ ଛାପ ହୋଇ ରହିଗଲ। ଜାଣନ୍ତି ସଭିଏଁ ଚାଲିଯିବେ ଦିନେ ସବୁ କରି ଦେଇ ପରା ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହ ଧାରା ।
ଇତି: ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍ ନଂ.- 9437147350
ଧ-୨୩୩୫୫

ଦଶାହ ଉପଲକ୍ଷେ



ସ୍ୱର୍ଗତ ବୁଦ୍ଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା
ତିରୋଧାନ: ୦୧।୦୩।୨୦୨୨ (ମହା ଶିବରାତ୍ରି)
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁଅ: ରବି, ବୋହୂ: ଚଞ୍ଚଳା, ଝିଅ/ଜ୍ୱାଇଁ: ଲକି, ବିୟୁଟି, ଚନ୍ଦନ ଓ ସାହୁ ପରିବାରବର୍ଗ ।
ଧ-୨୩୩୫୭

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୩୩୦୧